ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.68 Bhubaneswar Friday, April 23, 2021 | ୨୪ତମ ବର୍ଷ ସଂଖ୍ୟା–୬୮ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୨୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓକନଫରେନ୍ସ ମାଧ୍ୟମରେ ଅମ୍ଳଜାନ ଯୋଗାଣ ଏବଂ ଉପଲବ୍ଧତା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି

## ଟାଇମ୍ସ ହାଇଅର ଏଜୁକେସନ୍ ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୨୦୧+ ବିଶ୍ୱବିଦ୍ୟାଳୟ ତାଲିକାରେ କିଟ୍

### ରିଡିଉସିଂ ଇନ୍‌ଇକ୍ୱାଲିଟିଜ୍ ମାନଦଣ୍ଡରେ ବିଶ୍ୱର ୮୬ ର୍ୟାଙ୍କରେ କିଟ୍

ଭୁବନେଶ୍ୱର: ଟାଇମସ୍ ହାଇଅର ଏଜୁକେସନ୍ ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍-୨୦୨୧ରେ କିଟ୍ ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଛି। ବୁଧବାର ଟାଇମସ୍ ହାଇଅର ଏଜୁକେସନ୍ ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍-୨୦୨୧ ପ୍ରକାଶ ପାଇଛି। ପ୍ରତିବର୍ଷ ଟାଇମସ୍ ହାଇଅର ଏଜୁକେସନ୍ ପକ୍ଷରୁ ବିଶ୍ୱର ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ବିଭିନ୍ନ ର୍ୟାଙ୍କିଙ୍ଗ କରିଆସୁଛନ୍ତି। ଏଥିରେ ବିଶ୍ୱର ସମସ୍ତ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥାନ୍ତି। ବିଶ୍ୱରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତିସଂଘର ଶତତ ବିକାଶ ଲକ୍ଷ୍ୟ (ଏସ୍‌ଜିଡି) ହାସଲ ଦିଗରେ କେତେ ପରିମାଣରେ କାର୍ଯ୍ୟ କରୁଛନ୍ତି ତାହାକୁ ଭିତ୍ତିକରି ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ ଇମ୍ପାକ୍ଟ ର୍ୟାଙ୍କିଙ୍ଗ କରାଯାଇଥାଏ। ଏସ୍‌ଜିଡିର ଉଦ୍ଦେଶ୍ୟକୁ ପୂରଣ କରୁଥିବାରୁ କିଟ୍‌କୁ ଏହି ଇମ୍ପାକ୍ଟ ର୍ୟାଙ୍କ ପ୍ରଦାନ କରାଯାଇଛି। ଏଥି ପାଇଁ ଚଳିତବର୍ଷ କିଟ୍‌କୁ ସାମଗ୍ରିକ ଇମ୍ପାକ୍ଟ ର୍ୟାଙ୍କିଙ୍ଗରେ ୨୦୧+ ର୍ୟାଙ୍କ ମିଳିଛି। ପୂର୍ବବର୍ଷ କିଟ୍ ୫୦୧+ ର୍ୟାଙ୍କରେ ଥିଲା। ସାମଗ୍ରିକ ଇମ୍ପାକ୍ଟ ର୍ୟାଙ୍କିଙ୍ଗରେ କିଟ୍‌କୁ ୨୦୧+ ର୍ୟାଙ୍କ ମିଳିଥିବା ବେଳେ ଏସ୍‌ଜିଡିର 'ରିଡିଉସିଂ ଇନ୍‌ଇକ୍ୱାଲିଟିଜ୍' ମାନଦଣ୍ଡରେ କିଟ୍




ସମଗ୍ର ବିଶ୍ୱରେ ୮୬ତମ ସ୍ଥାନରେ ରହିଛି। ଏହା ଦ୍ୱାରା ଅତିକମ୍‌ରେ ଗୋଟିଏ ମାନଦଣ୍ଡରେ ବିଶ୍ୱର ୧୦୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିପାରିଛି କିଟ୍। ସେହିପରି ପାର୍ଟନର୍ ଫର୍ ଦି ଗୋଲ୍‌ସ ମାନଦଣ୍ଡରେ ବିଶ୍ୱ ତାଲିକାର ୧୦୧+ ର୍ୟାଙ୍କ, ଗୁଣାତ୍ମକ ଶିକ୍ଷା ମାନଦଣ୍ଡରେ ୨୦୧+ ଏବଂ ପିସ୍, ଜଷ୍ଟିସ୍ ଆଣ୍ଡ ଷ୍ଟ୍ରଙ୍ଗ ଇନ୍‌ଷ୍ଟିଚ୍ୟୁସନ୍‌ସ ମାନଦଣ୍ଡରେ କିଟ୍ ୨୦୧+ ର୍ୟାଙ୍କରେ ରହିଛି। ଭାରତର ପୂର୍ବାଞ୍ଚଳରେ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ର୍ୟାଙ୍କ୍ ପାଇବାର ଗୌରବ ଅର୍ଜନ କରିଛି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ କିଟ୍‌କୁ 'ୱାର୍କ ପ୍ଲେସ୍ ଅଫ୍ ଦି ଇଅର୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମ୍ମାନଜନକ ବିଶ୍ୱ ର୍ୟାକିଙ୍ଗ୍‌ରେ କିଟ୍ ସ୍ଥାନ ପାଇଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ମିଳିତ ଜାତିସଂଘର ଶତତ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଆଧାରରେ ସମଗ୍ର ବିଶ୍ୱର ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମସ୍ ହାଇଅର ଏଜୁକେସନ୍ ପକ୍ଷରୁ କରାଯାଇଥିବା ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍ ବିଶ୍ୱର ଏକମାତ୍ର ପ୍ରଦର୍ଶନ ତାଲିକା। ଗବେଷଣା, ଆଉଟ୍‌ରିଚ୍, ଷ୍ଟିୱାର୍ଡସିପ୍ ଓ ଶିକ୍ଷାଦାନ ଭଳି ୪ଟି ପ୍ରମୁଖ ମାନଦଣ୍ଡକୁ ନେଇ ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ ବିଶ୍ୱବିଦ୍ୟାଳୟଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। କିଟ୍ ଏକ ସାମାଜିକ ଦାୟିତ୍ୱ ଆଧାରିତ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ପ୍ରକାଶନ ଆଦି କ୍ଷେତ୍ରରେ ବହୁ ଅଗ୍ରଗତି କରିବା ସହ କିଟ୍ ପ୍ରତିଷ୍ଠା ହେବା ଦିନଠାରୁ ତାର ସାମାଜିକ ଦାୟିତ୍ୱକୁ ନିଷ୍ଠାର ସହିତ ସୁଚାରୁ ରୂପେ ପାଳନ କରିଆସୁଛି। କିଟ୍ ଆରମ୍ଭରୁ କରିଆସୁଥିବା ବ୍ୟାପକ ସାମାଜିକ କଲ୍ୟାଣ ମୂଳକ କାର୍ଯ୍ୟସବୁକୁ ମୂଲ୍ୟାୟନ କରି ଏହି ଇମ୍ପାକ୍ଟ ର୍ୟାଙ୍କିଙ୍ଗ କରାଯାଇଛି। ଏହି ସଫଳତାରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି କିଟ୍ ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା ସହ ସାମାଜିକ ଗୁରୁ ଦାୟିତ୍ୱ ନିଭାଇ ଆସୁଥିବାରୁ ଆଜି ଏହା ସମ୍ଭବ ହୋଇପାରିଛି। ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍‌ରେ ଉନ୍ନତ ପ୍ରଦର୍ଶନ ଦିଗରେ କିଟ୍ ଉଦ୍ୟମ ଜାରି ରଖିବ ବୋଲି ସେ କହିଛନ୍ତି। ଏଥିରେ କିଟ୍‌ର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଚାରୀ ଆନନ୍ଦ ପ୍ରକାଶ କରିଛନ୍ତି।

## ସ୍ଥାନାନ୍ତର ହେବ ଭୁବନେଶ୍ୱରର ପ୍ରମୁଖ ହାଟ

ଭୁବନେଶ୍ୱର,୨୨।୪(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ଅଧିକ ବଢୁଥିବାରୁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ଭୁବନେଶ୍ୱରରେ ଥିବା ପ୍ରମୁଖ ହାଟ ଗୁଡ଼ିକୁ ସ୍ଥାନାନ୍ତର କରିବାକୁ ନିଷ୍ପତି ନେଇଛି। ସ୍ଥାନାନ୍ତର ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହେବ। ପ୍ରମୁଖ ହାଟ ଗୁଡ଼ିକ ମଧ୍ୟରେ ୟୁନିଟ୍-୧ ହାଟ ୟୁନିଟ୍-୧ ହାଇସ୍କୁଲ ପଡ଼ିଆକୁ ସ୍ଥାନାନ୍ତରିତ ହେବ। ବ୍ରହ୍ମେଶ୍ୱର ହାଟ ବ୍ରହ୍ମେଶ୍ୱର ମେଳଣ ପଡ଼ିଆକୁ ସ୍ଥାନାନ୍ତର କରିବା ନେଇ ବିଏମସି ନିର୍ଦ୍ଦେଶ ଦେଇଛି। ସେହିପରି ଲିଙ୍ଗରାଜ ହାଟ ବିଏମସିର ମାର୍କେଟ୍ କମ୍ପ୍ଲେକ୍ସକୁ ସ୍ଥାନାନ୍ତର ହେବ। ତେବେ ଆଜିଠାରୁ ୟୁନିଟ୍-୪ ହାଟ ଶାସ୍ତ୍ରୀନଗର ଓ ରେଡକ୍ରସ୍ ସମ୍ମୁଖ ରାସ୍ତାକୁ ଉଠି ଯାଇଛି।

## ଓଡିଶାରୁ ଦିଲ୍ଲୀ ଯିବ ଅମ୍ଳଜାନ , ନବୀନଙ୍କ ଧନ୍ୟବାଦ ଦେଲେ କେଜ୍ରିୱାଲ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୪(ପି.ଏନ): ଓଡ଼ିଶାରୁ ବିମାନ ଯୋଗେ ଦିଲ୍ଲୀକୁ ଅମ୍ଳଜାନ ଯିବ। ଗୁରୁବାର ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଏହାସହ କେଜ୍ରିୱାଲ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଓଡିଶାକୁ ଦିଲ୍ଲୀକୁ ଆସିବାକୁ ଥିବା ଅମ୍ଳଜାନ ପାଇଁ ସମସ୍ତ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିଛନ୍ତି। ଏଥିପାଇଁ ସେ ଧନ୍ୟବାଦ ଜଣାଇବା ସହ ଦିଲ୍ଲୀ କୃତଜ୍ଞ ବୋଲି କେଜ୍ରିୱାଲ ଟୁଇଟ୍ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଓ ଦିଲ୍ଲୀ ହାଇକୋର୍ଟକୁ ମଧ୍ୟ ପ୍ରଶଂସା କରିଛନ୍ତି କେଜ୍ରିୱାଲ। ଦିଲ୍ଲୀର ଆବଶ୍ୟକୀୟ ଅମ୍ଳଜାନ ଚାହିଦାକୁ ପୂରଣ କରିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି। ଦିଲ୍ଲୀରେ ଅଧିକ ମାତ୍ରାରେ ଅମ୍ଳଜାନ ପହଂଚାଇବାକୁ ବିଭିନ୍ନ କମ୍ପାନିଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସରକାର । କିନ୍ତୁ ବିଭିନ୍ନ ରାଜ୍ୟରୁ ଆସୁଥିବା ଅମ୍ଳଜାନ ଗାଡି ଗୁଡିକ ଦିଲ୍ଲୀରେ ପହଂଚିପାରୁନି ।

# ପୁଣି ଘୁଂଚିଲା ପିପିଲି ଉପନିର୍ବାଚନ

### - ମେ ୧୩ ବଦଳରେ ୧୬ରେ ହେବ ଭୋଟ୍ ଗ୍ରହଣ , ୧୯ରେ ଗଣତି - ୧୩ରୁ ବନ୍ଦ ହେବ ପ୍ରଚାର

ଭୁବନେଶ୍ୱର, ୨୨।୪(ପି.ଏନ): ପୁଣି ଥରେ ଘୁଂଚିଛି ପିପିଲି ଉପନିର୍ବାଚନ। ମେ' ୧୬ ତାରିଖରେ ପିପିଲି ଉପନିର୍ବାଚନ ହେବ। ଏହାର ଦୁଇ ଦିନ ପରେ ଅର୍ଥାତ ୧୯ ତାରିଖରେ ଭୋଟ୍ ଗଣତି ହେବ। ପୂର୍ବରୁ ପିପିଲି ନିର୍ବାଚନ ପାଇଁ ମେ' ୧୩ ତାରିଖ ଧାର୍ଯ୍ୟ କରାଯାଇଥିଲା। ୧୩ ତାରିଖରେ ଇଦ୍-ଉଲ୍-ଫିତର ପଡୁଥିବାରୁ ଉପନିର୍ବାଚନର ତାରିଖକୁ ପୁଣିଥରେ ଘୁଂଚାଯାଇଛି। ନିର୍ବାଚନ କମିଶନଙ୍କ ତରଫରୁ ନୋଟିଫିକେସନ୍ ଆସିବା ପରେ ଗୁରୁବାର ଦିନ ରାଜ୍ୟ ନିର୍ବାଚନ ଅଧିକାରୀ ଏହି ସୂଚନା ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଛନ୍ତି ଯେ ଏଥର ନିର୍ବାଚନ ଦିନର ୪୮ ଘଂଟା ପରିବର୍ତେ ୭୨ ଘଂଟା ପୂର୍ବରୁ ପ୍ରଚାର ବନ୍ଦ ରହିବ। ଅର୍ଥାତ୍ ପିପିଲିରେ ମେ' ୧୩ ତାରିଖ ସନ୍ଧ୍ୟା ପରଠାରୁ ପ୍ରଚାର କାର୍ଯ୍ୟ ବନ୍ଦ କରାଯିବ। ସେହିପରି ଉପନିର୍ବାଚନ ପାଇଁ କୌଣସି ରାଜନୈତିକ ସଭା ଓ ସମାବେଶକୁ ବାରଣ କରାଯାଇଛି। ଭର୍ଚୁଆଲ୍ ମାଧ୍ୟମରେ ରାଜନୈତିକ ଦଳମାନେ ପ୍ରଚାର କରିପାରିବେ। ସର୍ବାଧିକ ୫ ଜଣଙ୍କୁ ଘରକୁ ଘର ବୁଲି ପ୍ରଚାରରେ ଅନୁମତି ଦିଆଯାଇଛି। ଭୋଟଗ୍ରହଣ କେନ୍ଦ୍ରରେ ସମସ୍ତଙ୍କ ଶରୀର ତାପମାତ୍ରା ମପାଯିବ। ଲକ୍ଷଣ ଦେଖିଲେ ଟୋକନ ଦିଆଯିବ। ଲକ୍ଷଣ ଥିବା ବ୍ୟକ୍ତି ସନ୍ଧ୍ୟା ୫ ପରେ ଭୋଟ୍ ଦେବେ। ସବୁ ଭୋଟରଙ୍କୁ ଭୋଟ ଦେବା ପାଇଁ ଗୋଟିଏ ଲେଖାଏଁ ଗ୍ଲୋଭସ ମିଳିବ ବୋଲି ନିର୍ବାଚନ କମିଶନର ଗାଇଡଲାଇନରେ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଯେ ଏପ୍ରିଲ ୧୭ତାରିଖରେ ପିପିଲି ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ଲାଗି ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏପ୍ରିଲ ୧୪ତାରିଖରେ କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କ ମୃତ୍ୟୁ ଯୋଗୁଁ ଭୋଟଗ୍ରହଣକୁ ସ୍ଥଗିତ ରଖାଯାଇଥିଲା। ଏହା ପରେ ପିପିଲି ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ମେ' ୧୩ତାରିଖରେ ହେବା ପାଇଁ ସାନି ତାରିଖ ଘୋଷଣା କରିଥିଲେ ନିର୍ବାଚନ କମିଶନ।

## ବଢୁଛି ସଂକ୍ରମଣ ; ରାଜଧାନୀରେ ଆଉ ୫୯୦ ପଜିଟିଭ୍

ଭୁବନେଶ୍ୱର,୨୨।୪(ପି.ଏନ): ରାଜଧାନୀରେ କାୟା ବିସ୍ତାର କରୁଛି କରୋନା । ଭୁବନେଶ୍ୱରରେ ଗୁରୁବାର ଆଉ ୫୯୦କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ସଂଗରୋଧରୁ ୧୩୦ ଓ ସ୍ଥାନୀୟ ଅଚଂଳରୁ ୪୬୦ସଂକ୍ରମିତ ଅଛନ୍ତି। ସେହିପରି ଭୁବନେଶ୍ୱରରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ଟପିଛି। ଅପରପକ୍ଷରେ ୨୪ ଘଂଟାରେ ୧୩୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭ ହଜାର ୭୯୪କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୩୩ ହଜାର ୪୮୭କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୪୦୩୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୫୦ ରହିଛି। ଖଣ୍ଡଗିରିରୁ ୨୦, ଲକ୍ଷ୍ମୀସାଗରରୁ ୧୯, ପୋଖରୀପୁଟ ଓ ଚନ୍ଦ୍ରଶେଖରପୁରରୁ ୧୪ ଲେଖାଏଁ, ବରମୁଣ୍ଡାରୁ ୧୨ , ୟୁନିଟ୍ ୩ ଓ ନିଳାଦ୍ରୀବିହାରରୁ ୧୧ ଜଣ ଲେଖାଏଁ , ରସୁଲଗଡ , ସୁନ୍ଦରପଦାରୁ ୧୦ ଜଣ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିପରି କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ପଟିଆରୁ ସର୍ବାଧିକ ୧୧ ଏବଂ ନୟାପଲ୍ଲୀରୁ ୯ ଜଣ ଆକ୍ରାନ୍ତ ରହିଛନ୍ତି।

## ସାଂସଦ ଅଶ୍ୱିନୀ ବୈଷ୍ଣବ ପ୍ରେସ୍ କାଉନସିଲ ଅଫ ଇଣ୍ଡିଆର ସଦସ୍ୟ ଭାବେ ମନୋନୀତ

ଭୁବନେଶ୍ୱର, ୨୨।୪(ପି.ଏନ): ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ନୂତନ ସଦସ୍ୟ ଭାବେ ମନୋନୀତ ହେଲେ ଓଡ଼ିଶାର ବିଜେପି ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ। ଅଶ୍ୱିନୀଙ୍କ ସହ ତେଲେଙ୍ଗାନା ରାଷ୍ଟ୍ରୀୟ ସମିତିର ରାଜ୍ୟସଭା ସାଂସଦ ଡକ୍ଟର କେ. କେଶବଙ୍କୁ ମଧ୍ୟ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ଭାବେ ମନୋନୀତ କରାଯାଇଛି। ପୂର୍ବତନ ଆଇଏଏସ ଅଫିସର ଅଶ୍ୱିନୀ ବୈଷ୍ଣବ ୨୦୧୯ରେ ବିଜେପିରୁ ରାଜ୍ୟସଭା ପାଇଁ ମନୋନୀତ ହେବା ପରେ ବିଜେପିରେ ହୋଇଥିଲେ ସାମିଲ। ଓଡ଼ିଶା କ୍ୟାଡ଼ରର ୧୯୯୪ ବ୍ୟାଚ୍



ଆଇଏଏସ ଅଧିକାରୀ ବୈଷ୍ଣବ ୨୦୦୪ରେ ପ୍ରଧାନମନ୍ତ୍ରୀ ଅଟଳ ବିହରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ ।

# ଆନ୍ଧ୍ର ଓ ତେଲେଙ୍ଗାନାକୁ ଚାଲିଛି ରାତି ଅଧିଆ ଯାତାୟତ

ମାଲକାନଗିରି, ୨୨।୪(ପି.ଏନ): ଓଡିଶା ସରକାର ପଡୋଶୀ ଛତିଶଗଡ ରାଜ୍ୟର ମହାମାରୀ କରୋନାର ଦ୍ୱିତୀୟ ଲହରୀର ଭୟାବହତାକୁ ଦୃଷ୍ଟିରେ ରଖି ଗତ ୧୯ରୁ ଛତିଶଗଡ ସମେତ ସମସ୍ତ ପଡୋଶି ରାଜ୍ୟକୁ ଚଳାଚଳ କରୁଥିବା ଆନ୍ତଃରାଜ୍ୟ ବସ୍ ? ଚଳାଚଳ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହାଦ୍ୱାରା ପଡୋଶୀ ଛତିଶଗଡ ସମେତ ଆନ୍ଧ୍ର ଓ ତେଲେଙ୍ଗାନା ସମେତ ଅନ୍ୟାନ୍ୟ ରାଜ୍ୟକୁ ସମସ୍ତ ଆନ୍ତଃରାଜ୍ୟ ଓ ଅଲ୍ ? ଇଣ୍ଡିଆ ଟୁରିଷ୍ଟ ପରମିଟ ବସ ଚଳାଚଳ ବନ୍ଦ ରହିଛି। ତେବେ ଯାତ୍ରୀ ନେଇ ଯାତାୟତ କରୁଥିବା ସମସ୍ତ ବସ ଚଳାଚଳ ସମ୍ପୂର୍ଣ୍ଣ ରୁପେ ବନ୍ଦ ରହିଥିଲେମଧ୍ୟ ନବରଙ୍ଗପୁର ଜିଲା ସମେତ ନୂଆପଡା ଓ କଳାହାଣ୍ଡି ଜିଲାରୁ ଜୟପୁର ଓ ମାଲକାନଗିରି ଦେଇ ଆନ୍ଧ୍ରର ବିଜୟୱାଡା ଓ ତେଲେଙ୍ଗାନାର ହାଇଦ୍ରାବାଦକୁ ରାତିଅଧିଆ ଯାତ୍ରୀଙ୍କ ଯାତାୟତ ପ୍ରାୟ ସ୍ୱାଭାବିକ ରହିଥିବା ଜଣାଯାଇଛି। ମାଲକାନଗିରି ଜିଲାର ମୋଟୁ ତହସିଲଦାର ଓ ପୁଲିସର କଡା ଯାଂଚ ସାଙ୍ଗକୁ କଡା ଆଭିମୁଖ୍ୟରେ ଭୟଭୀତ ରାଜ୍ୟ ବାହାରେ ପଞ୍ଜୀକୃତ କିଛି ବସ୍ ? ଆନ୍ତଃରାଜ୍ୟ ଯାତ୍ରୀ ପରିବହନରେ ସେମାନଙ୍କ କୌଶଳ ବଦଳାଇଥିବା ଅଭିଯୋଗ ହେଉଛି। ଅଲ ଇଣ୍ଡିଆ ଟୁରିଷ୍ଟ ପରମିଟ ବଳରେ ହାଇଦ୍ରାବାଦ୍ ?କୁ ଯାତାୟତ କରୁଥିବା ଓଡିଶା ପଞ୍ଜୀକୃତ ପ୍ରାୟ ସମସ୍ତ ବେସରକାରୀ ଘରୋଇ ବସ ସରକାରଙ୍କ ନିର୍ଦ୍ଦେଶକୁ ମାନି ଚଳାଚଳ ବନ୍ଦ କରିଥିବା ବେଳେ ଛତିଶଗଡ, ଆନ୍ଧ୍ର, ତେଲେଙ୍ଗାନାରେ ପଞ୍ଜୀକୃତ କିଛି ବସ୍ ? ଓଡିଶା ସୀମାନ୍ତ ମୋଟୁ ନିକଟସ୍ଥ ସିଲେରୁ ନଦୀ ଉପରେ ନିର୍ମିତ ଆନ୍ଧ୍ର ସୀମାନ୍ତ ଚିନ୍ତୁର ବ୍ରିଜ ନିକଟସ୍ଥ ଏକ ଢାବାରେ ଡେରା ପକାଇ ହଇାଦ୍ରାବାଦ୍ ? ଓ ବିଜୟୱାଡା ଯାତ୍ରୀ ଅପେକ୍ଷାରେ ରହିଥିବା ଜଣାଯାଇଛି।ନବରଙ୍ଗପୁର. ନୂଆପଡା, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲାର କାଲିମେଳା, ଏମଭି-୭୯, ଏମଭ-୮୧ ଇତ୍ୟାଦିସ୍ଥାନରୁ ଗୋପନୀୟଭାବେ କେତେକ ନିର୍ଦ୍ଦିଷ୍ଟ ସ୍ଥାନୀୟ ବସରେ ଅତ୍ୟଧିକ ଚଢା ଦରରେ ଦାଦନ ଶ୍ରମିକ ମୋଟୁ ନିକଟସ୍ଥ ଓଡିଶା-ଆନ୍ଧ୍ର ସୀମାନ୍ତରେ ଅଟକିଥିବା ଏକାଧିକ ବସ ସକାଶେ ବୁହା ଚାଲିଥିବାବେଳେ ହାଇଦ୍ରାବାଦ୍ ?, ବିଜୟୱାଡାରୁ ଆସିଥିବା ଯାତ୍ରୀଙ୍କୁ ମୋଟୁରୁ ନେଇ ମାଲକାନଗିରି, ଜୟପୁର ଦେଇ ନବରଙ୍ଗପୁର, ଉମରକୋଟ, ନୂଆପଡା ଓ କଳାହାଣ୍ଡି ବୋହି ଆଣୁଥିବା ଅଭିଯୋଗ ହେଉଛି। ହାଇଦ୍ରାବାଦ୍ ?, ବିଜୟୱାଡାରୁ ଆସିଥିବା ଯାତ୍ରୀ ଜୟପୁରରେ ଅଟକି ଶୌଚ, ଚାହା-ଜଳଖିଆ ସାଙ୍ଗକୁ ନିଜନିଜର ଗନ୍ତବ୍ୟ ସ୍ଥାନ ସକାଶେ ବସ ବଦଳାଉଥିବାରୁ ବରିଷ୍ଠ ନାଗରିକ ମହଲରେ ଏହା ଚିନ୍ତାର ବିଷୟ ପାଲଟିଥିବାବେଳେ ମାଲକାନଗିରି ସମେତ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଜିଲା ନିମନ୍ତେ ଭବିଷ୍ୟତରେ ଏହା ବିଷମ ପରିସ୍ଥିତି ସୃଷ୍ଟି କରିବା ସମ୍ଭାବନାକୁ ଏଡାଇ ଦେଇହେବନାହିଁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ମୋଟୁ ପୁଲିସ ତରଫରୁ ମୋଟୁ ସୀମାନ୍ତ ଚିନ୍ତୁର ବ୍ରିଜ୍ ?କୁ ଲାଗି ଫାଟକ ବ୍ୟବସ୍ଥା କରାଗଲେ ହାଇଦ୍ରାବାଦ୍ ? ଓ ବିଜୟୱାଡାରୁ ରାତିଅଧିଆ ମୋଟୁରେ ପହଂଚି ଆବଶ୍ୟକୀୟ ପଞ୍ଜୀକରଣ ନକରାଇ ଅବୈଧଭାବେ ମୋଟୁରୁ ଭୋରରୁ ବାହାରୁଥିବା କିଛି ସରକାରୀ ଓ ବେସରକାରୀ ବସରେ ଲୁଚିଛପି ଏହି ଅଂଚଳରେ ଆସୁଥିବା ଯାତ୍ରୀଙ୍କୁ ପଞ୍ଜୀକରଣ ଓ ଯାଂଚ ଉଦ୍ଦେଶ୍ୟରେ ଅଟକାଇ ଯାଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ସରକାରଙ୍କ ନିଷେଧାଦେଶକୁ ଅମାନ୍ୟକରି ଚଢାଦରରେ ଆନ୍ତଃରାଜ୍ୟ ଯାତ୍ରୀ ପରିବହନ ସାଙ୍ଗକୁ ଦାଦନ ବୋହି ଯାତାୟତ କରୁଥିବା ବସ ଉପରେ ବେଳଥାଉଣୁ କୋଭିଡ-୧୯ ନିୟମାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ନବରଙ୍ଗପୁର, ବୋରିଗୁମ୍ମା, ଜୟପୁର, ବୈପାରୀଗୁଡା, ମାଥିଲି, ମାଲକାନଗିରି, କାଲିମେଳା, ପଡିଆ, ମୋଟୁ ଆଦି ସ୍ଥାନରେ ଯାତ୍ରୀ ଯାଂଚ ବ୍ୟବସ୍ଥା କଡାକଡି କରାଯିବାକୁ ସାଧାରଣରେ ଦାବୀ ହେଉଛି। ରାଜ୍ୟସରକାର କୋରନାର ମୁକାବିଲା ପାଇଁ ଆନ୍ତରାଜ୍ୟ ବସ ଚଳାଚଳକୁ ନିଷେଧ କରିଥିଲେ ହେଁ ଗଳାବାଟ ଦେଇ ଲୋକମାନେ ଯାତାୟତ କରୁଥିବାବେଳେ ଏଥିପ୍ରତି କୋଠର ପଦକ୍ଷେପ ନେବା ଓ ଯାଂଚ ପ୍ରକ୍ରିୟାକୁ କଡାକଡି କରିବାର ଜରୁରୀ ଆବଶ୍ୟକତା ଦେଖା ଦେଇଛି।

MAHARISHI PUBLIC SCHOOL
ମା ବିଦ୍ୟାଳୟ

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମାସ୍କ ହିଁ ମୋର-ଆପଣଙ୍କର ସୁରକ୍ଷା କବଚ !





ପ୍ରାୟ ଏକ ବର୍ଷ ଧରି ସାରା ବିଶ୍ୱକୁ ଆତଙ୍କିତ କରି ରଖିଥିବା କରୋନାର ପ୍ରଭାବ ଏବେ କମି ଆସୁଥିବା ବେଳେ ଏହାର ଦ୍ୱିତୀୟ ଲହର ଏକ ବଡ ଆହ୍ୱାନ ସୃଷ୍ଟି କରିଛି। ମହାମାରୀ କରୋନା ଭୂତାଣୁ ପବନରେ ବ୍ୟାପୁଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। କରୋନା ସୃଷ୍ଟି କରିଥିବା ସାର୍ସ କୋଭ-୨ ଭାଇରସ୍ ବାୟୁମଣ୍ଡଳରେ ବୁଲି ବୁଲି ଲୋକଙ୍କୁ ସଂକ୍ରମିତ କରୁଛି ବୋଲି ମେଡିକାଲ ଜର୍ଣ୍ଣାଲ ଲାନସେଣ୍ଟରେ ରିପୋର୍ଟ ପ୍ରକାଶ ପାଇଛି। ଏହି କାରଣରୁ ସଂକ୍ରମଣ ଦ୍ରୁତ ଗତିରେ ବଢିବାରେ ଲାଗିଛି। ଜଣେ ସଂକ୍ରମିତ କଥା କହିବା ବେଳେ, ଚିତ୍କାର କଲାବେଳେ, ଗୀତ ଗାଇବା ବେଳେ ଓ ଛିଙ୍କିବା ବେଳେ ପବନରେ ଭାଇରସ ଅନ୍ୟ ଲୋକଙ୍କୁ ସଂକ୍ରମିତ କରିଥାଏ । ଏହାକୁ ରୋକିବା ପାଇଁ ଟୀକା ବ୍ୟତୀତ ଆମକୁ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି କୁହାଯାଉଛି।

ଏଠାରେ ସୂଚନା ଯୋଗ୍ୟ ଯେ, ଅଦ୍ୟାବଧି ମହାମାରୀ କରୋନା ୨୧୩ଟିରୁ ଊର୍ଦ୍ଧ୍ୱ ଦେଶରେ ତାର କାୟାବିସ୍ତାର କରିସାରିଛି ।କୁହାଯାଉଛି ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ଯେତିକି ଲୋକ ମୃତ୍ୟୁବରଣ କରିନଥିଲେ କରୋନାରେ ତାଠାରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଲେଣି। ଅଦ୍ୟାବଧି ବିଶ୍ୱର ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ମୃତ୍ୟୁ ବରଣ କରିସାରିଲେଣି। ଏହି ସମୟ ମଧ୍ୟରେ କରୋନା ଟୀକା ବାହାରି ସାରିଛି। ଏପରିକି ବ୍ରିଟେନ ଓ ଆମେରିକାରେ ଫାଇଜର ଟୀକାକରଣ ଆରମ୍ଭ ହୋଇଛି। ଆମ ଦେଶରେ ମଧ୍ୟ କରୋନା ଟୀକାକରଣ ଆରମ୍ଭ ହୋଇଛି। ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଟୀକା ଉତ୍ସବ ପାଳନ କରାଯାଇଛି। ତଥାପି ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଁହରେ ମାସ୍କ ବାନ୍ଧିବା, ସାନିଟାଇଜରରେ ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯାହାର ସୁଫଳ ମଧ୍ୟ ମିଳିଛି। ବିଶେଷକରି ମାସ୍କ ପିନ୍ଧିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ମାସ୍କ ହିଁ ସାଜିଛି ସୁରକ୍ଷା କବଚ। ଏବେ ଯାହାକୁ ଦେଖିବ ସେ ମୁହଁରେ ମାସ୍କ ବା ତୁଣ୍ଡି ପରିଧାନ କରିଛି । ଧନୀ-ଗରିବ, ଉଚ୍ଚ- ନୀଚ ସମସ୍ତେ ଏହାକୁ ସୁରକ୍ଷା କବଚ ଭାବେ ବ୍ୟବହାର କରୁଛନ୍ତି। ଇତିମଧ୍ୟରେ ରାଜସ୍ଥାନ ସରକାର ଦେଶର ପ୍ରଥମ ରାଜ୍ୟ ଭାବେ କରୋନା ମୁକାବିଲା ପାଇଁ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିଛି। ଏହାର ଅବମାନନା ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ଆଇନରେ ରଖାଯାଇଛି। ସେହିପରି ଆମ ରାଜ୍ୟରେ ମଧ୍ୟ କୋଭିଡ କଟକଣାକୁ କଡାକଡି କରାଯାଇଛି। ମାସ୍କ ପିନ୍ଧୁ ନଥିବା ଲୋକଙ୍କ ଠାରୁ ଜୋରିମାନା ମଧ୍ୟ ଆଦାୟ କରାଯାଉଛି।

କରୋନା ଭୂତାଣୁ ସଂକ୍ରମଣଠାରୁ ନିଜକୁ ଦୁରେଇ ରଖିବାପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସାମାଜିକ ଦୂରତାସହ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଯେ ପର୍ଯ୍ୟନ୍ତ କୋଭିଡ ଟୀକାକରଣ ସମ୍ପୂର୍ଣ୍ଣ ନହୋଇଛି ସେ ପର୍ଯ୍ୟନ୍ତ ମାସ୍କ ହିଁ ସୁରକ୍ଷା କବଚ ପାଲଟିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗାଇଡଲାଇନ ଜାରି କରାଯାଇଛି। ଏପରିକି ୭ ମାସରେ ୩୦କୋଟି ଲୋକଙ୍କୁ ଟୀକା ଦିଆଯାଇପାରିବ। ତଥାପି ଯେ ପର୍ଯ୍ୟନ୍ତ କୋଭିଡ ଟୀକା ସାଧାରଣରେ ଉପଲବ୍ଧ ହୋଇପାରିନାହିଁ ସେପର୍ଯ୍ୟନ୍ତ ଆମକୁ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବା ଉପରେ ସଚେତନ ରହିବାକୁ ପଡିବ। ଏ ସବୁ ସତ୍ତ୍ୱେ କିଛି ଅମାନିଆ ମାସ୍କ ପିନ୍ଧୁ ନଥିବା ଘଟଣା ଆଗକୁ ଆସୁଛି। ଏପରିକି ସେମାନଙ୍କ ଠାରୁ ଫାଇନ୍ ଆଦାୟ କରାଯାଉଛି। ତଥାପିସେମାନେ ବୁଝିପାରୁନାହାନ୍ତି ଯେ, ଏପରି କରିବା ଦ୍ୱାରା ସେମାନେ କେବଳ ନିଜପାଇଁ ନୁହେଁ, ନିଜର ପରିବାର ତଥା ସମାଜ ପାଇଁ ବିପଦକୁ ଡାକି ଆଣୁଛନ୍ତି। ପାର୍ବଣରେ ସାମାନ୍ୟ ଅବହେଳା ଓ ସାମାଜିକ ଦୂରତା ରଖିବାରେ ଢିଲାପଣ ଏବେ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏଥିପାଇଁ ଦିଲ୍ଲୀ, ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ସଂକ୍ରମଣ ପୁଣି ଉପରମୁହାଁ ହୋଇଥିଲା। ଏବେ ମହାରାଷ୍ଟ୍ର, ଛତିଶଗଡ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ କର୍ଣ୍ଣାଟକ ସଂକ୍ରମଣ ଚିନ୍ତା ବଢାଉଛି। କେବଳ ଛତିଶଗଡ,ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ସଂକ୍ରମଣ ମାମଲା ଦୈନିକ ୧ଲକ୍ଷରୁ ଊର୍ଦ୍ଧ୍ୱ ରହୁଛି। କେବଳ ମହାରାଷ୍ଟ୍ରରେ ଦିନକରେ ୬୪ହଜାର ମାମଲା ସାମ୍ନାକୁ ଆସୁଛି। ଏସବୁ ରାଜ୍ୟରେ ସଂକ୍ରମଣ ବଢିବା ସହ ମୃତ୍ୟୁ ମଧ୍ୟ ବଢୁଛି। ଛତିଶଗଡରେ ଗତ ୨ସପ୍ତାହ ମଧ୍ୟରେ ୧୩୧ ପ୍ରତିଶତ ସଂକ୍ରମଣ ବୃଦ୍ଧି ହୋଇଛି। ଉତ୍ତର ପ୍ରଦେଶରେ ଦୈନିକ ମାମଲାରେ ୧୯.୨୫ ପ୍ରତିଶତ ବୃଦ୍ଧି ହୋଇଛି। ଫଳସ୍ୱରୂପ ଉତ୍ତରପ୍ରଦେଶରେ ଥରେ ମାସ୍କ ନିୟମାବଳୀ ଉଲଘଂନ କଲେ ୧ହଜାର ଟଙ୍କା ଜୋରିମାନା ଓ ଦ୍ୱିତୀୟ ଥର ଉଲଘଂନ କଲେ ୧୦ହଜାର ଟଙ୍କା ଆଦାୟ କରାଯାଉଛି।

ଏହା ହେଉଛି କୋଭିଡ-୧୯ର ଚରିତ୍ର। ଏହା ଥରେ ଚାଲିଗଲା ପରେ ପୁଣିଥରେ ଲେଉଟୁଛି। ଭାରତ ସରକାର ଇତି ମଧ୍ୟରେ ଟୀକାର ସୁକ୍ଷମ ବଣ୍ଟନପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଥମେ କୋଭିଡ ଯୋଦ୍ଧା, ବୟସ୍କ,ରୁଗ୍ଣ ଓ କରୋନା ଲଢେଇରେ ସାମିଲ ସମସ୍ତଙ୍କୁ ଏହା ପ୍ରଦାନ କାରାଯିବ ପରେ ଅନ୍ୟ ସମସ୍ତଙ୍କୁ ଏହା ପ୍ରଦାନ କାରଯିବ। ତେଣୁ ଯେପର୍ଯ୍ୟନ୍ତ କୋଭିଡ ଟୀକାକରଣ ନହୋଇଛି ଖାମ୍‌ଖିଆଲି ହେବା ଆମ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ତେଣୁ ଏବେଠୁ ଆମକୁ ଆହୁରି ଅଧିକ ସର୍ତକ ଓ ସଚେତନ ରହିବାକୁ ହେବ। କିନ୍ତୁ ଜନସାଧାରଣ ଯଦି ଅବହେଳା କରିବେ ତାହାଲେ ଜୀବନ ବିପନ୍ନ ହେବା ସୁନିଶ୍ଚିତ। ଏସବୁ ସତ୍ତ୍ୱେ କିଛି ଲୋକ କଥା କହିଲା ବେଳେ ପାଟିକୁ ଘୋଡାଉନାହାଁନ୍ତି। କେତେକ ଲୋକ ମୂଳରୁ ମାସ୍କ ନପିନ୍ଧି ଟେଲିଭିଜନ ପରଦାରେ ମୁହଁ ଦେଖାଉଛନ୍ତି। ଏପରିକି ସମ୍ବାଦ ପାଠ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା। ବିଜ୍ଞାପନ ମାନଙ୍କରେ ମଧ୍ୟ କେହି ମାସ୍କ ବ୍ୟବହାର କରୁନାହାନ୍ତି। ହୁଏତ କେତେକ କ୍ଷେତ୍ରରେ ସେଗୁଡିକର ଚିତ୍ର ପୁରୁଣା ହୋଇଥାଇପାରେ। ବିଶେଷକରି ଗାଁ ମାନଙ୍କରେ କରୋନା ସମ୍ବନ୍ଧୀୟ ସଚେତନତା ଅଭାବରୁ ଅଧିକାଂଶ ଲୋକ ମାସ୍କ ପିନ୍ଧୁ ନଥିବାର ଘଟଣା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ କରୋନା ମହାମାରୀ ମଧ୍ୟରେ ଉତ୍ତରାଖଣ୍ଡର ଧାର୍ମିକ ନଗରୀ ହରିଦ୍ୱାରରେ ମହାକୁମ୍ଭ ପାଇଁ ଅନୁମତି ଦିଆଯିବା ପରଠାରୁ ସେଠାରେ ସଂକ୍ରମଣ ସାଙ୍ଘାତିକ ରୂପ ନେଇଛି। ବିଭିନ୍ନ ଦିନରେ ଶାହିସ୍ନାନ ପାଇଁ ୨୧ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ସମବେତ ହେବା ପରେ କରୋନା ବିସ୍ଫୋରକ ରୂପ ନେଇଛି। ମେଳା ଆରମ୍ଭ ହେବାର ୧୪ ଦିନ ଭିତରେ ଅଢେଇ ହଜାରରୁ ଅଧିକ ସନ୍ଥ ଓ ଶ୍ରଦ୍ଧାଳୁ ସଂକ୍ରମିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିବେଦନ ସତ୍ତ୍ୱେ ଅଧିକାଂଶ ଶ୍ରଦ୍ଧାଳୁ ଅବାଧରେ ବୁଡ ପକାଇଥିଲେ। ସେହିପରି ବିଭିନ୍ନ ରାଜ୍ୟରେ ହେଉଥିବା ନିର୍ବାଚନ ଓ ଉପନିର୍ବାଚନରେ ରାଜନୈତିକ ରାଲିରେ ହଜାର ହଜାର ଲୋକଙ୍କ ସମାବେଶ ମଧ୍ୟ ବିପଦକୁ ଡାକିଆଣୁଛି। ଆମ ଦେଶ ଓ ରାଜ୍ୟରେ କରୋନାର ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। ଟୀକାର ଅଭାବ ମଧ୍ୟ ଆଉ ଏକ ସମସ୍ୟା ରୂପେ ଉଭା ହୋଇଛି। ଏଭଳି ପରିସ୍ଥିତିରେ ମାସ୍କ ହିଁ ସମସ୍ତଙ୍କ ପାଇଁ ସୁରକ୍ଷା କବଚ, ଏହାକୁ ଆମକୁ ହୃଦୟଙ୍ଗମ କରିବାକୁ ହେବ। କାରଣ 'ମାସ୍କ' ହିଁ ଏହି ମହାମାରୀର ଶ୍ରେଷ୍ଠ ପ୍ରତିଷେଧକ ବୋଲି 'ହୁ'ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ହିମାଂଶୁଶେଖର ଆଚାର୍ଯ୍ୟ**, ଜଗତସିଂହପୁର, ମୋ-୯୩୩୭୨୨୧୯୨୪

# ଶକ୍ତି ଉପାସନା ପରମ୍ପରା

*"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପଣେ ସଂସ୍ଥିତା/ନମସ୍ତସୈ୍ୟ, ନମସ୍ତସୈ୍ୟ, ନମସ୍ତସୈ୍ୟ ନମୋନମଃ।"*



ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି। ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି। 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ। ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ। ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି। ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏ ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ । ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ। ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୂକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ। ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା। ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା। ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ/୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା। ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ। ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ। ଦେବତାମାନଙ୍କ କୋପାନଳରୁ ସମ୍ଭୁତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ। ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ। ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ। ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ। ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ- ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି। ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ। ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।




ଏ ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି। ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ। ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି। ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଲିଷ୍ଟ। ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି। ଏପରିକି ଶ୍ରୀମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ। ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ। ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି। ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,**
**ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭,**
**ଫୋନ୍: ୮୮୯୫୧୪୧୭୨୭**

# ଅଭିଯୁକ୍ତ ଅଧିକାରୀଙ୍କୁ ଏକାଧିକ ଦାୟିତ୍ୱ ଦେଇ ବିବାଦରେ ଜିଲ୍ଲା ପ୍ରଶାସନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଳିପଙ୍କର ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ କରିବା ପରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସନ୍ଧ୍ୟାବତୀ ପ୍ରଧାନ ଲୁଥେରାନର ସଭାପତି ଓ ସିସିଆଇର ଅଧିକ୍ଷକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପିଓ ଆଇସି ଏବଂ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପରିସ୍ଥଳେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ସେହି ଘଟଣାର ଜଣେ ଅଭିଯୁକ୍ତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ତାଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିବା ଘଟଣା ସାଧାରଣରେ ଆଲୋଚ୍ୟ ବିଷୟ ପାଲିଟିଛି । ଲୁଥେରାନର ଯୌନକିଳେଙ୍କାରୀ ଭଳି ଏକ ସଂଗୀନ ଘଟଣାରେ ସଂପୃକ୍ତ ଅଧିକାରୀ ଜଣଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ସେହି ଅଭିଯୁକ୍ତ ଅଧିକାରୀଙ୍କୁ ଏକାଧିକ ଗୁରୁ ଦାୟୀତ୍ୱ ପ୍ରଦାନ କରାଯିବା ଜିଲ୍ଲା ପ୍ରଶାସନକୁ ବିବାଦ ଘେରକୁ ଟାଣି ଆଣିଛି । ଅନ୍ୟ ପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳଙ୍କ ଦ୍ୱାରା ଲୁଥେରାନ ସିସିଆଇର ବିରୋଧରେ ହୋଇଥିବା ବିଭିନ୍ନ ଅଭିଯୋଗର ତଦନ୍ତ କରିବା ପାଇଁ ଗଠିତ କମିଟିରେ ସଂପୃକ୍ତ ଅଧିକାରୀଙ୍କୁ ରଖାଯାଇ ସେହି କମିଟିଠାରୁ ତଦନ୍ତ ରିପୋର୍ଟ ଗ୍ରହଣ କରିବା ଅର୍ଥ ତଦନ୍ତକୁ ବାଟବଣା କରିବା ଛଡା ଆଉକିଛି ନୁହେଁ । ଜଣେ ଅଭିଯୁକ୍ତ ଅଧିକାରୀ ନିଜେ ଅଭିଯୁକ୍ତ ଥିବା ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ସରକାରୀ ନୀତି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ଓ ଆଇନ କାନୁନକୁ ଆଖିଠାର ଛଡା ଆଉକିଛି ନୁହେଁ । ଏଭଳି ଘଟଣା ଦ୍ୱାରା ଜିଲ୍ଲା ପ୍ରଶାସନ ଆପଣା ଛାଏଁ ବିବାଦ ଘେରକୁ ଟାଣି ହୋଇଆସିଥିବା ଦେଖାଯାଇଛି । ଜଣେ ଅଭିଯୁକ୍ତ ଅଧିକାରୀଙ୍କ ଦ୍ୱାରା ନୀରପେକ୍ଷ ତଦନ୍ତ କେବେଭେବି ସମ୍ଭବ ନୁହେଁ । ଜିଲ୍ଲା ପ୍ରଶାସନ ସବୁ ଜାଣିଶୁଣି ଏକ ଜଘନ୍ୟ ଘଟଣାକୁ ଚପାଇଦେବା ଓ ଅଭିଯୁକ୍ତମାନଙ୍କୁ ଘଷ୍ଟଘୋଡାଇବାକୁ ପ୍ରୟାସ କରୁଥିବା ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି । ତୁରନ୍ତ ସଂପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି ।

# ଯୌନ ଶୋଷଣ ଓ ଅବାଞ୍ଛିତ ମାତୃତ୍ୱଲାଭ ଅଭିଯୋଗର ତଦନ୍ତରେ ପୋଲିସର ଶିଥିଳତା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କ ଗ୍ରାମର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଗୃହର ଜନୈକ ମହିଳା କର୍ମଚାରୀ ଦୀର୍ଘକାଳ ଧରି ଯୌନ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି । ସେ ସମ୍ପର୍କରେ ଥାନାରେ ହୋଇଥିବା ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସ୍ଥାନୀୟ ପୋଲିସ ଅବହେଳା କରିଛି ବୋଲି ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ପକ୍ଷରୁ ଅଧକ୍ଷା ମମତା ସାମନ୍ତରାୟ ଅଭିଯୋଗ କରିଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଘଟଣାର ସନ୍ଧାନ ନିଆଯିବା ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି । ଲୁଥେରାନ ମହିଳା ସମିତି ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ପ୍ରକଳ୍ପରେ ଶିଶୁ ଯତ୍ନ ସେବିକା ଭାବେ କାର୍ଯ୍ୟରତ ଜଣେ ମହିଳା ସଂସ୍ଥାର ସଭାପତିଙ୍କ ଭାଇଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ଏକ ସନ୍ତାନର ମାତା ହୋଇଛନ୍ତି । ଗରିବୀ, ଅସହାୟତା କାରଣରୁ, ଅସଫଳ ପ୍ରତିବାଦ କାରଣରୁ, ଅନ୍ୟ ରାହା ନଥିବାରୁ ଏପରିକି ଭୟ ପ୍ରଦର୍ଶନ ବା ଦମନ କାରଣରୁ ବେଶ ବିଳମ୍ବରେ ତାଙ୍କ ଅସହାୟତା ସଂସ୍ଥାର ମହିଳା ସହକର୍ମୀ ଓ ସମ୍ପାଦିକାଙ୍କ ଆଗରେ ପ୍ରକାଶ କରିବାରୁ ଘଟଣାଟି ଲୋକଲୋଚନକୁ ଆସିଛି । ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣୀ କମିଟି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସଭାପତିଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ଥାନାରେ ଏତଲା ଦରଜ କରାଇଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ସୂଚନା ଓ ନିର୍ଦ୍ଦେଶ ପରେ ପୋଲିସ ଓ ପ୍ରଶାସନ କିଛି କ୍ରିୟାନୁଷ୍ଠାନ ଆରମ୍ଭ କରିଛନ୍ତି ବୋଲି ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ଅଧକ୍ଷା ସୁଶ୍ରୀ ସାମନ୍ତରାୟ କହିଛନ୍ତି । କିନ୍ତୁ ଏହାର ମନ୍ଥରତା ଓ ଏଯାବତ କାର୍ଯ୍ୟରୁ ଜଣାପଡେ ଯେ ମୂଳ ଅଭିଯୋଗ ଯାହା ଅତ୍ୟନ୍ତ ସଂଗୀନ ଯାହା ତତ୍କାଳ ପୋଲିସ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ ତାହା ନହୋଇ ଅନ୍ୟ ଏକ ପରବର୍ତ୍ତୀ ତଥ୍ୟ ଗୌଣ ଅଭିଯୋଗକୁ ନେଇ ପୋଲିସ ତତ୍ପରତା ଦେଖାଉଛି । ଅସହାୟ ମହିଳାଙ୍କୁ ଯୌନ ଶୋଷଣ ଓ ଅବାଞ୍ଛିତ ମାତୃତ୍ୱ ଦେଇଥିବା ବ୍ୟକ୍ତିଙ୍କ ନାମ ଏତଲାରେ ଥାଇସୁଦ୍ଧା ସେହି ଅଭିଯୁକ୍ତଙ୍କୁ ଧରିବାରେ ଏବଂ ଅଦାଲତ ପ୍ରକ୍ରିୟା ଆରମ୍ଭ କରିବାରେ ପୋଲିସ କୁଣ୍ଠାବୋଧ କରୁଥିବା ସାଧାରଣରେ ଅନୁମାନଯୋଗ୍ୟ ହୋଇପଡିଥିବା ସୁଶ୍ରୀ ସାମନ୍ତରାୟ ଅଭିଯୋଗ କରିଛନ୍ତି । ପୀଡିତା ବିଚାରପତିଙ୍କ ସମ୍ମୁଖରେ ବୟାନ ଦେବା ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଏଡାଇ ଚାଲିଛି ବୋଲି ସେ କହିଛନ୍ତି। ସୁଶ୍ରୀ ସାମନ୍ତରାୟ କହିଛନ୍ତି ଯେ ନ୍ୟାୟ ପ୍ରକ୍ରିୟା ସହ ଜଡିତ କେତେକ ଆଇନଜ୍ଞ ଓ ସମାଜସେବୀଙ୍କ ମତ ଅନୁଯାୟୀ ପ୍ରଥମ ଅଭିଯୋଗ ଉପରେ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପରେ ଏହାସହ ସମ୍ବନ୍ଧିତ ଅନ୍ୟ ଅଭିଯୋଗ ଯାହା ପରବର୍ତ୍ତି ସମୟରେ କରାଯାଇଛି ତା'ଉପରେ ଅନୁଧ୍ୟାନ କରାଯାଇଥିଲେ ଠିକ ହୋଇଥାନ୍ତା । ଜଣେ ଅସହାୟା ମହିଳା କର୍ମଚାରୀଙ୍କ ପ୍ରଥମ ଅଭିଯୋଗକୁ ପ୍ରାଥମିକତା ଓ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ । ଉଚିତ ନ୍ୟାୟ ବିଚାର କରାଯାଉ, ସତ୍ୟ ପଦାକୁ ଆସୁ ଏବଂ ସର୍ବୋପରି ନାରୀ ଓ ଶିଶୁ ଅଧିକାର ଯଥା ମର୍ଯ୍ୟାଦାର ସହ ସମ୍ପାଦିତ ହେଉ, ସନ୍ତାନ ପିତୃତ୍ୱର ପରିଚୟ,ନାରୀଟିର ମର୍ଯ୍ୟାଦା ଓ ସ୍ୱୀତ୍ୱ ଏବଂ ଶିଶୁଟିକୁ ଏକ ପରିବାର ମିଳୁ ବୋଲି ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ଅଧକ୍ଷା ସୁଶ୍ରୀ ସାମନ୍ତରାୟ ଆଶାବ୍ୟକ୍ତ କରିଛନ୍ତି।

# ସାମାଜିକ ସମରସତା ମଂଚ ପକ୍ଷରୁ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା



ଖଣ୍ଡଗିରି (ପିଏନ୍): ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଖଣ୍ଡଗିରି ଅଂଚଳରେ ନିୟୋଜିତ ୨୮ ଜଣ ବିଏମ୍‌ସିର ସଫେଇ କର୍ମଚାରୀ ତଥା ନିରୀକ୍ଷକମାନଙ୍କୁ ସାମାଜିକ ସମରସତା ମଂଚ, କଳିଙ୍ଗନଗର ତରଫରୁ ସମ୍ମାନିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବରେ ବିଏମ୍‌ସିର ଖଣ୍ଡଗିରି ପ୍ରୋଜେକ୍ଟ ପ୍ରମୁଖ ରଞ୍ଜନ କୁମାର ଘଡାଇ ଓ ଭୁବନେଶ୍ୱର ମହାନଗର ସାମାଜିକ ସମରସତା ପ୍ରମୁଖ ରାଜେଶ କୁମାର ରାୟ ଡାଃ ବି ଆର ଆମ୍ବେଦକରଙ୍କ ଫଟୋରେ ମାଲ୍ୟାର୍ପଣ କରିବା ପରେ ଉପସ୍ଥିତ ବିଏମ୍‌ସିର ନିରୀକ୍ଷକଙ୍କ ସମେତ ସମସ୍ତ ସଫେଇ କର୍ମଚାରୀ ଓ କଳିଙ୍ଗ ନଗର ସାମାଜିକ ସମରସତା ମଂଚର କାର୍ଯ୍ୟକର୍ତାମାନେ ମଧ୍ୟ ମାଲ୍ୟାର୍ପଣ କରିଥିଲେ । ଖଣ୍ଡଗିରି ଅଂଚଳର ଦାୟିତ୍ୱରେ ଥିବା ସମସ୍ତ ସଫେଇ କର୍ମଚାରୀମାନଙ୍କୁ ଶ୍ରୀଫଳ, ଉତରୀୟ ଓ ସମ୍ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଗତ ଦିନର କରୋନା ମହାମାରୀରେ ସାରା ସମାଜ ଭୀତତ୍ରସ୍ତ ହୋଇ ଘରେ ରହୁଥିବା ସମୟରେ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଭଉଣୀ ଭାଇମାନଙ୍କର ସେବାକାର୍ଯ୍ୟ ଯେ ସମାଜ ଦ୍ୱାରା କିପରି ପ୍ରଶସଂନୀୟ ତଥା ସମ୍ମାନିତ ତାହାର ଏକ ବାର୍ତା ଦେବାକୁ ଯାଇ କଳିଙ୍ଗନଗର ସମରସତା ମଂଚ ତରଫରୁ ଏ ପ୍ରକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମରସତାର କାର୍ଯ୍ୟକର୍ତାଙ୍କ ମଧ୍ୟରେ ଆନନ୍ଦ ଚରଣ ସାହୁ, ରମେଶ ଜେନା, ଅମରେନ୍ଦ୍ର ସାହୁ, ଇଦେଶ୍ୱର ଭୂୟାଁ, ସୁବ୍ରତ କୁମାର ତ୍ରିପାଠୀ, ଜୟକୃଷ୍ଣ ପୃଷ୍ଟି, ବାସୁଦେବ ଓଝା, ସାନୁଜା ମେଘମାଳା ଓ ଆରତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।




# ତଦାରଖ ଅଭାବରୁ ପୂର୍ତ୍ତ ବିଭାଗ ରାସ୍ତାରେ ମାଟି ଉପରେ ପିଚୁ କାମ

କେନ୍ଦୁଝର: କେନ୍ଦୁଝର ସହରର ବିଭିନ୍ନ ରାସ୍ତାର ଉନ୍ନତିକରଣ ଓ ମରାମତି ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଉପଯୁକ୍ତ ତଦାରଖ ଅଭାବରୁ ସେ ସବୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି କଲେଜ ରୋଡ ପୂର୍ତ୍ତବିଭାଗ ରାସ୍ତାର ଉନ୍ନତିକରଣ ଓ ମରାମତି କାମରେ ହୋଇଥିଲେ ହେଁ ପିଚୁ କାମର ମାନ ଠିକ୍ ହୋଇନଥିବାରୁ ରାସ୍ତା ଖୁବଶୀଘ୍ର ଖରାପ ହୋଇଯିବାର ଆଶଙ୍କା ରହିଛି। କେତେକ ସ୍ଥାନରେ ପ୍ରଶସ୍ତିକରଣ କରି ପିଚୁ କରାଯାଇଛି। ରାସ୍ତା କଡରେ ସିଧାସଳଖ ମାଟି ଉପରେ ପିଚୁ ପକାଇ ନିର୍ମାଣ କରାଯାଇଛି। ପୂର୍ବରୁ ହୋଇଥିବା ମରାମତି କାମରେ ଯେତିକି ଚଉଡା ରାସ୍ତା ଉପରେ ପିଚୁ ହୋଇଥିଲା ଚଳିତ ବର୍ଷ ଅଧିକ ବିଲ କରିବା ଆଶାରେ ମାଟି ଉପରେ ମଧ ପିଚୁ



କରାଯାଇଥିବା ଅଭିଯୋଗ ହେଉଛି। ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ କିଲୋମିଟର ଦୂରରେ ଏଭଳି ମାଟି ଉପରେ ପିଚୁ କାମ କରାଯାଇଥିଲେ ହେଁ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ହୋଇଥିବା ପ୍ରମାଣିତ କରୁଛି। ସେହିପରି ରାସ୍ତାର ପିଚୁ କାମ ସମାନ ଲେଭୁଲ ହୋଇନଥିବାରୁ ରାସ୍ତା ନଷ୍ଟ ହେବା ସହ ଦୁର୍ଘଟଣା ଆଶଙ୍କା ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନଗୁଡିକ ନଷ୍ଟ ହେବାକୁ ବସିଲାଣି। ସେହିପରି କେନ୍ଦୁଝର ସହରରେ ଗତ ଏକବର୍ଷ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ତୃଷ୍ଟିକରଣ କରିବା ପାଇଁ ବିନା ଟେଣ୍ଡରରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ଏପରିକି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ କୋଟି କୋଟି ଟଙ୍କାର ନିର୍ମାଣ ଓ ମରାମତି କାମ ହୋଇଥିଲେ ହେଁ ସେ ସବୁ ଟେଣ୍ଡର ହୋଇଛି କି ନାହିଁ ତାହା ଯାଞ୍ଚ କରିବାକୁ ଦାବୀ ହୋଇଛି। ଗତ ୪ମାସରେ ପୂର୍ତ୍ତ ବିଭାଗରେ ହୋଇଥିବା ବିଲକୁ ତର୍ଜମା କଲେ ବହୁ ଘୋଟାଲା ପଦାକୁ ଆସିପାରିବ। ଏଣୁ ଏହାର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରିବାକୁ ଦାବୀ ହୋଇଛି।

## ଶିକ୍ଷକ ସଂଘ ନେତା ବିଧାୟକଙ୍କୁ ଭେଟିଲେ

ଆନନ୍ଦପୁର:କେନ୍ଦୁଝର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅତୁଳ ବଳ, ସମ୍ପାଦକ ମୁକୁନ୍ଦ ଚରଣ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାରଦିନ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀଙ୍କୁ ସାକ୍ଷାତ କରି ଶିକ୍ଷକ ମାନଙ୍କର କେତେକ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋଚନା ବେଳେ ବ୍ଲକ ଶିକ୍ଷକ ସଂଘ ସଭାପତି ସନ୍ତୋଷ ଜେନା, ଉପସଭାପତି ରଜତ ଦାଶ, ସ୍ମିତାରାଣୀ ଜେନା, ସମ୍ପାଦକ ମଦନମୋହନ ପୁହୁଲି, ସହ ସମ୍ପାଦକ ମଧୁସୂଦନ ବେହେରା, ବସନ୍ତ ମିଶ୍ର, ଶ୍ୟାମ ସୁନ୍ଦର ସାହୁ, କୋଷାଧକ୍ଷ ଚିନ୍ତାମଣି ବେହେରା, ବ୍ଲକ ସଂଯୋଜକ ବୁଦ୍ଧଦେବ ନାୟକ, ଶିକ୍ଷକ ବଂଶୀଧର ସାହୁ ଓ ସୁବାସ ଚନ୍ଦ୍ର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ଓ୍ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତ୍ତମାନ ସମୟରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାଣ୍ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୁଷକଙ୍କୁ ଅଧିକ ସହଜ ଓ ଆକର୍ଷଣୀୟ ଋଣ ଅଫର ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ୪ଟି ଟ୍ରାକ୍ଟର ଠାରୁ ଜୋରିମାନା ଆଦାୟ

ଆନନ୍ଦପୁର: ଆନନ୍ଦପୁର ତହସିଲ ପକ୍ଷରୁ ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ୪ଟି ଟ୍ରାକ୍ଟର ଠାରୁ ଜୋରିମାନା ଆଦାୟ କରାଯାଇଛି । ଆନନ୍ଦପୁର ଉପ-ତହସିଲଦାରଙ୍କ ନେତୃତ୍ୱରେ ପୋଲିସ ବାହିନୀ ସହାୟତାରେ ଗତକାଲି ସକାଳ ୬ ଘଟିକା ସମୟରେ ପଦ୍ମପୁର ଓ ବନିକା ଠାରେ ବେଆଇନ ଭାବେ ବାଲି ନେଉଥିବା ୪ଟି ଟ୍ରାକ୍ଟରକୁ ଜବତ କରାଯାଇ ଜୋରିମାନା ବାବଦରେ ୬୩ହଜାର ଟଙ୍କା ଆଦାୟ କରିଥିବା ତହସିଲ ପକ୍ଷରୁ ଜଣାପଡିଛି ।

# କେନ୍ଦୁଝର ସହରରେ ଚାଲିଛି ବେଆଇନ ଅଟ୍ଟାଳିକା, ପୌର ପ୍ରଶାସନ ନୀରବଦ୍ରଷ୍ଟା

କେନ୍ଦୁଝର: କେନ୍ଦୁଝର ସହରରେ ବହୁ କୋଠାଘର,ଦୋକାନ ଗୃହ ଏବଂ ମାର୍କେଟ କମ୍ପ୍ଲେକ୍ସ ବେଆଇନ ଭାବେ ପ୍ଲାନ ବାହାରେ ନିର୍ମାଣ ଚାଲିଛି। ଏସଂପର୍କରେ ଟାଉନ ପ୍ଲାନିଂ ଏବଂ ପୌର ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। କ୍ରମବର୍ଦ୍ଧିଷ୍ଣୁ କେନ୍ଦୁଝର ସହରର ଲୋକସଂଖ୍ୟା ଦିନକୁ ଦିନ ବଢି ଚାଲିଥିବା ଦୋକାନଘର, ଘର,ଗାଡି ମଧ୍ୟ ବଢିଛି। ଏପରିସ୍ଥିତିରେ କେନ୍ଦୁଝର ସହରରେ ଟ୍ରାଫିକ୍ ସମସ୍ୟା ଏବଂ ମୁଖ୍ୟ ସମସ୍ୟା ରୂପେ ଦେଖାଦେଇଛି। ଏଥିପାଇଁ ସାଧାରଣ ଲୋକ ଅନେକ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଭୟ ପୌର ପ୍ରଶାସନ ଏବଂ ସହର ଯୋଜନା ଶାଖାର ସ୍ୱତନ୍ତ୍ର ଯୋଜନା ଅଧିକାରୀ ଆଖିଦୃଶିଆ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନଥିବାରୁ ବେଆଇନ ଅଟ୍ଟାଳିକା, ସପିଂ ମଲ୍ ବଢି ଚାଲିଥିବାବେଳେ ବିନା ପାର୍କିଂରେ ଘର ନିର୍ମାଣ ଚାଲିଛି। ଜନାକୀର୍ଣ୍ଣ ଅଞ୍ଚଳରେ ମାର୍କେଟ କମ୍ପ୍ଲେକ୍ସ ଅନୁମୋଦିତ ପ୍ଲାନକୁ ବ୍ୟତିକ୍ରମ କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି। ପୌରପାଳିକାର ପ୍ଲାନ ଆପ୍ରୁଭ କରୁଥିବା କେତେକ ଅସାଧୁ କର୍ମଚାରୀଙ୍କ ପାଇଁ ବେଆଇନ ନିର୍ମାଣ ବଢୁଛି। ବ୍ୟବସାୟିକ ଅଟ୍ଟାଳିକା ପାଇଁ ପ୍ଲାନ ମଂଜୁର ହେବା ପରେ ନିଜ ଇଚ୍ଛାରେ ଘର କରୁଛନ୍ତି। ପୌରାପାଳିକାର କର୍ମଚାରୀ ଏ ସବୁ ଜାଣି ନୀରବ ରହୁଛନ୍ତି। ପାର୍କିଂ ପାଇଁ ସ୍ଥାନ ପ୍ଲାନରେ ଦେଖାଇ ପର ମୁହୁର୍ତ୍ତରେ ସେହି ସ୍ଥାନରେ ଘର କରୁଛନ୍ତି। ଅଭିଯୋଗ କଲେ ପୌରପାଳିକା ପକ୍ଷରୁ ନୋଟିସ ହେଉଛି କିନ୍ତୁ କାର୍ଯ୍ୟନୁଷ୍ଠାନ ହେଉନାହିଁ। ପାର୍କିଂ ନଥାଇ ବ୍ୟବସାୟିକ ଘର ବଢୁଥିବାରୁ ଏଠାକୁ ଆସୁଥିବା ଲୋକ ରାସ୍ତାରେ ଗାଡିମୋଟର ରଖୁଛନ୍ତି। ଫଳରେ ରାସ୍ତା ଜାମ ହେଉଛି। ଅନେକ ସ୍ଥାନରେ ପାର୍କିଂ ପାଇଁ ସ୍ଥାନ ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେଉଛି। ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରିବାରୁ ଅନୁମୋଦିତ ପ୍ଲାନ ଉଲ୍ଲଙ୍ଘନ କରି ମାର୍କେଟ କମ୍ପ୍ଲେକ୍ସ କରୁଥିବା ସଂସ୍ଥାକୁ କାରଣ ଦର୍ଶାଅ କରାଯିବ। ପ୍ଲାନ ଉଲ୍ଲଙ୍ଘନ ହୋଇଥିଲେ ଅନୁମୋଦିତ ପ୍ଲାନ ବାତିଲ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ବ୍ୟବସାୟିକ ଘର ନିର୍ମାଣ ସମୟରେ ପ୍ଲାନ ଉଲ୍ଲଙ୍ଘନ ହୋଇ କାମ ହେଉଥିଲେ ପୌର କର୍ମଚାରୀ ଯାଂଚ କରି କାମ ବନ୍ଦ କରିବେ ବୋଲି ପ୍ରକାଶ କରିଥିଲେ।

## ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଯୋଗଦାନ

କେନ୍ଦୁଝର: ସୁଶ୍ରୀ ମନସ୍ୱିନୀ ରାଉତ ଚଳିତ ଅପ୍ରେଲ ୨୨ ତାରିଖ ଗୁରୁବାର ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲା ସଂସ୍କୃତି ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନିଜର ଯୋଗଦାନ ପତ୍ର ପ୍ରଦାନ କରିବା ସହିତ କାର୍ଯ୍ୟାରମ୍ଭ କରିଛନ୍ତି ।ଏହି ଅବସରରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀଙ୍କ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଛି । ସୂଚନା ଯୋଗ୍ୟଯେ ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କର କଟକ ସ୍ଥାନାନ୍ତର ହେବାପରେ ଗତ ତା ୦୭/୧୨/୨୦୨୦ ରିଖରୁ ଏହି ପଦବୀ ଖାଲି ପଡିଥିଲା ଏବଂ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଜିଲ୍ଲା ସଂସ୍କୃତି ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ । ସୁଶ୍ରୀ ମନସ୍ୱିନୀ ରାଉତ ଏହା ପୂର୍ବରୁ ଭଦ୍ରକ ଜିଲ୍ଲା ସଂସ୍କୃତି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

# ଚିକିତ୍ସା ଅବହେଳାରୁ ପ୍ରସୂତୀଙ୍କ ମୃତ୍ୟୁ, ଆନନ୍ଦପୁର ଡାକ୍ତରଖାନାରେ ଉତ୍ତେଜନା

ଆନନ୍ଦପୁର: ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଜଣେ ପ୍ରସୂତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହାକୁ କେନ୍ଦ୍ର କରି ଡାକ୍ତରଖାନାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଅଭିଯୋଗ ଅନୁସାରେ ହାଟଡିହି ବ୍ଲକ ଆମ୍ବୋ ପଂଚାୟତ ଲଇଛଣପୁର ଗ୍ରାମର ତପନ ଦେହୁରୀଙ୍କ ପତ୍ନୀ ଚଗଲି ଦେହୁରୀଙ୍କ ପ୍ରସବ ଯନ୍ତ୍ରଣା ହେବାକୁ ଆଜି ଭୋର ୪ଟା ସମୟରେ ତାଙ୍କୁ ଡାକ୍ତରଖାନାରେ ପ୍ରସୁତୀ ବିଭାଗରେ ଭର୍ତ୍ତି କରାଯାଇଥିଲା । ବହୁ ବିଳମ୍ବରେ ଡାକ୍ତରଙ୍କ ପରାମର୍ଶ ପରେ ଦିନ ୧୧ଟାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ତେବେ ରକ୍ତର ଆବଶ୍ୟକତା ଥିବାରୁ ପରିବାର ଲୋକ ରକ୍ତ ଯୋଗାଡ କରିଥିଲେ । ମାତ୍ର ଦିନ ଗୋଟାଏ ବେଳ ଠାରୁ ଚଗଲିଙ୍କ ଅବସ୍ଥା ବିଗିଡିବାକୁ ଲାଗିଥିଲା । ତପନ ଓ ତାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ଏହି ସମୟରେ କାର୍ଯ୍ୟରତ ଡାକ୍ତର ଓ ନର୍ସଙ୍କୁ ଯେତେ ଡାକିଥିଲେ ମଧ କେହି ଶୁଣି ନଥିଲେ । ଏପରିକି ଅକ୍ସିଜେନ୍ ଆଣିବା ପାଇଁ ମଧ ସ୍ୱାମୀ ତପନଙ୍କୁ ବାଧ କରାଯାଇଥିଲା । ଲଗା ଯାଇଥିବା ସିଲିଣ୍ଡରରେ ଅକ୍ସିଜେନ୍ ନଥଇବା ମଧ ଅଭିଯୋଗ ହୋଇଛି । ଉପଯୁକ୍ତ ଚିକିତ୍ସା ନପାଇ ଚଗଲିର ପ୍ରାୟ ସାଢେ ୩ଟା ବେଳେ ମୃତ୍ୟୁ ଘଟିଥିବା ବେଳେ ଡାକ୍ତର ୫ଟା ବେଳେ ପହଂଚି ଚଗଲିଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ଲୋକ ଏକଥା ଜାଣିବା ପରେ ପାଟିତୁଣ୍ଡ କରିବା ସହିତ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ । ଉତ୍ତେଜନା ପ୍ରକାଶ ପାଇବା ଖବର ପାଇ ଘଷିପୁରା ପୋଲିସ୍ ଏସ୍ଆଇ ମାନସ ରନ ପଣ୍ଡା ଫୋର୍ସ ସହିତ ପହଂଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ରୋଗୀର ଅବସ୍ଥା ଭଲନଥିଲା । ଅପରେସନ ହେବା ପର୍ଯ୍ୟନ୍ତ ସବୁ ଠିକ୍ ଥିଲା ବୋଲି ପ୍ରସୂତୀ ବିଭାଗର ଡାକ୍ତର ରବିନାରାୟଣ ସେନାପତି କହିଛନ୍ତି । ତେବେ ଏହି ଘଟମାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।’’

# ଶ୍ରମ ଅଧିକାରୀ ଜୀତ୍ ମୋହନ ହାଁସଦାଙ୍କ ପରଲୋକରେ ଶୋକସଭା

ଆନନ୍ଦପୁର: ଆନନ୍ଦପୁର ଉପଖଣ୍ଡ ଘଷିପୁରା ଡାକବଙ୍ଗଳା ପ୍ରାଙ୍ଗଣରେ ମା’ତାରିଣୀ ନିର୍ମାଣ ଶ୍ରମିକ ସଂଘ ଏବଂ ନିଳଚକ୍ର ନିର୍ମାଣ ଶ୍ରମିକ ସଂଘର ମିଳିତ ଆନୁକୂଲ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଶୋକସଭାରେ ଦିବଙ୍ଗତ ଡି.ଏଲ୍.ସି. ୰ଜୀତ ମୋହନ ହାଁସଦା କାର୍ଯ୍ୟରତ ଅବସ୍ଥାରେ ଅକାଳ ବିୟୋଗ ଉଦ୍ଦେଶ୍ୟରେ ଆୟୋଜନ କରାଯାଇଥିଲା । ସର୍ବ ପ୍ରଥମେ ଦିବଙ୍ଗତ ଶ୍ରମ ଅଧିକାରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ଶୋକସଭାରେ ଶ୍ରମିକ ନେତା ବିଜୟ କୁମାର ଚକ୍ର ଓ ସନାତନ ପଣ୍ଡା, ଗୋଲଖ ପେରେଇ, ଟିକନ ପେରେଇ, ଚିତ୍ତ ପେରେଇ ପ୍ରମୁଖ ଶ୍ରମିକମାନେ ଉପସ୍ଥିତ ଥିଲେ । ଶ୍ରମିକ ନେତା ବିଜୟ କୁମାର ଚକ୍ର ଶ୍ରମ ଅଧିକାରୀଙ୍କ କୃତିତ୍ୱ ଉପରେ ସମ୍ୟକ ଆଲୋକପାତ କରି କହିଥିଲେ ଯେ ୨୦୧୬-୧୭ ଆର୍ଥିକ ବର୍ଷରେ ଶ୍ରମ ଅଧିକାରୀ ଭାବେ ୰ହାଁସଦା କାର୍ଯ୍ୟ କରି କେନ୍ଦୁଝର ଜିଲ୍ଲାକୁ ଓଡିଶାରେ ପ୍ରଥମ ସ୍ଥାନକୁ ନେଇ ପହଂଚାଇବାରେ ମୁଖ୍ୟ ଭୂମିକା ତୁଲାଇ ଥିଲେ । ବର୍ତ୍ତମାନ ସେ ଏ ଜଗତରେ ନାହାଁନ୍ତି । ତେଣୁ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୂ ଜଗନ୍ନାଥ ଏବଂ ମା’ତାରିଣୀଙ୍କ ନିକଟରେ ପ୍ରାର୍ଥନା କରୁଛୁ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚଙ୍କୁ ପଂଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଌକ୍ତଙ୍କକ୍ଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଲିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ, ୧୨ନଂ ୱାର୍ଡରୁ ଜଣେ, ୧୩ନଂ ୱାର୍ଡରୁ ୨ଜଣ, ୧୭ନଂ ୱାର୍ଡରୁ ଜଣେ, ୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।




# ମର୍ଯ୍ୟାଦା ପୁରୁଷୋତ୍ତମ ରାମହିଁ ଥିଲେ ଉପେନ୍ଦ୍ର ଭଞ୍ଜଙ୍କର ମାର୍ଗଦର୍ଶକ



ଆମେ ଯଦି ଘୁମୁସର ଇତିହାସକୁ ଅନୁଧ୍ୟାନ କରିବା ତେବେ ରାମଚନ୍ଦ୍ରଙ୍କ ଭଳି ଉପେନ୍ଦ୍ରଙ୍କର ଯଜ୍ଞ ପ୍ରସାଦରୁ ଜନ୍ମ ବୋଲି ଉଲ୍ଲେଖ ଅଛି। ତାଙ୍କର ମାତା ଓ ମାତାମହୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ସୁପୁତ୍ର ଜନ୍ମ ନିମନ୍ତେ ପିତାମହ ଧନଞ୍ଜୟ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ଉପେନ୍ଦ୍ରଙ୍କର ଜନ୍ମ ଜାତକରେ ମନର କାରକ ଚନ୍ଦ୍ର, ଦେବଗୁରୁ ବୃହସ୍ପତି ଓ ଦୈତ୍ୟଗୁରୁ ଶୁକ୍ରଙ୍କର ସ୍ଥାନ ଥିଲା ନବମ ଘରେ। ଯାହା ସନ୍ତାନ ବିଷ୍ଣୁଭକ୍ତ ହେବାର ଏକ ସୂଚନା। ଯୋଗବାରିଧି ଆୟୁର୍ବେଦ ଖଣ୍ଡ ଅନୁଯାୟୀ ଚନ୍ଦ୍ର, ଗୁରୁ ଓ ଶୁକ୍ର ପଂଚମ କିମ୍ବା ନବମରେ ଥିଲେ ବ୍ୟକ୍ତି ବିଷ୍ଣୁଲୋକରୁ ଆସି ଜନ୍ମଗ୍ରହଣ କରିଥାଏ। ବାଲ୍ୟକାଳରୁ ଉପେନ୍ଦ୍ର ନିଜ ମାତାମହୀଙ୍କଠୁ ପୁରାଣର କାହାଣୀମାନ ଶୁଣି ଈଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ଉଦ୍ରେକ ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ଇଷ୍ଟଦେବୀ ଦୁର୍ଗାଙ୍କୁ ମାତ୍ର ଛ ମାସ ଜପକରି ମନ୍ତ୍ରସିଦ୍ଧ ହୋଇଥିଲେ ଏବଂ କବିତ୍ୱର ଶକ୍ତି ପ୍ରାପ୍ତିଲାଗି ତାଙ୍କୁ ବର ପ୍ରାର୍ଥନା କରି ସଫଳ ହୋଇଥିଲେ। ଘୁମୁସରର ଇତିହାସ ଅନୁଯାୟୀ ଉପେନ୍ଦ୍ର ଭଞ୍ଜ ଥିଲେ ତନ୍ତ୍ର ସିଦ୍ଧ। ଏବଂ ସେ ଶକ୍ତି ସହିତ ପରଂବ୍ରହ୍ମ ନାରାୟଣ ତଥା ଇଷ୍ଟ ରାମଚନ୍ଦ୍ରଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତ୍ୟେହ ସେ ଅଶ୍ୱାରୋହଣ କରି ଓଡ଼ଗାଁ ରଘୁନାଥ ଜୀଉଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ବାଟରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ ଜଣେ ସାଧକ ଶବ ସାଧନା କରୁଛି। ଦେବୀ ଭୈରବୀ ରୂପରେ ଆବିର୍ଭୂତା ହୋଇଛନ୍ତି। ଦେବୀଙ୍କ ଦର୍ଶନରେ ସାଧକ ହୋଇଛି ମୂର୍ଚ୍ଛିତ। ଏହାର ସୁଯୋଗନେଇ ଉପେନ୍ଦ୍ର ଶବ ଉପରେ ବସିପଡ଼ି ଦେବୀଙ୍କୁ ବର ପ୍ରାର୍ଥନା କଲେ ଏବଂ ଭୈରବୀଙ୍କ କୃପାରୁ ସେ ହୋଇଥିଲେ କବିତ୍ୱର ଅଧିକାରୀ। ଅନୁରୂପ ଏକ କିମ୍ବଦନ୍ତୀ ଅନୁଯାୟୀ ବ୍ୟାଘ୍ରଦେବୀଙ୍କ ନିକଟରେ ଜଣେ ସାଧକ ବ୍ରାହ୍ମଣକୁ ବଳିଦେଇ ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ। ଏ କିମ୍ବଦନ୍ତୀର ସତ୍ୟତା ସନ୍ଧିହୀନ ମାତ୍ର ବାଲ୍ୟକାଳ ଓ କିଶୋର ଅବସ୍ଥାରେ ଉପେନ୍ଦ୍ର ଦୁର୍ଗା ଓ ବ୍ୟାଘ୍ରଦେବୀଙ୍କର ଭକ୍ତ ଥିଲେ, ଏଥିରେ କୌଣସି ଦ୍ୱିମତ ନାହିଁ।

ଭଞ୍ଜପ୍ରତିଭାର ସ୍ଫୁରଣରେ ଶକ୍ତିର ପ୍ରସନ୍ନତା ମହତ୍ୱପୂର୍ଣ୍ଣ। ମାତ୍ର ଏହାର ବିକାଶ ଓ ସିଦ୍ଧିରେ ରାମଚନ୍ଦ୍ରଙ୍କର ଆଶିର୍ବାଦ ଓ ମାର୍ଗଦର୍ଶନ କାର୍ଯ୍ୟ କରିଛି। ସ୍ୱୟଂ ନିଜେ ଉପେନ୍ଦ୍ର ନିଜର ପ୍ରତିଟି କାବ୍ୟରେ ଏହା ସ୍ୱୀକାର କରିଛନ୍ତି। ସେ ସଦାସର୍ବଦା ପ୍ରଭୁ ରାମଚନ୍ଦ୍ରଙ୍କର ମହିମା ଓ ମହତ୍ୱ ବର୍ଣ୍ଣନାରେ ଶତମୁଖ। କୈଶୋର ଅବସ୍ଥାରେ ରାମତାରକା ମନ୍ତ୍ର ସିଦ୍ଧି ଲାଗି ସେ ରାଜଗୁରୁଙ୍କ ଦ୍ୱାର ଉପବିଷ୍ଟ ହୋଇଥିଲେ। ନିଜର ଉଦ୍ଦେଶ୍ୟକୁ ସାକାର କରିବା ନିମିତ ସେ ଅନେକ ରାମପୀଠ ଭ୍ରମଣ କରିଥିଲେ ମଧ ନୟାଗଡ଼ ମାଳୀସାହି ଥିଲା ତାଙ୍କ ରାମ ସାଧନାର କେନ୍ଦ୍ର। ସେଠାରେ ଏବେବି ଏକ ରାମ ମନ୍ଦିର ଓ ଶିବ ମନ୍ଦିର ବିଦ୍ୟମାନ। ଶିବ ହେଉଛନ୍ତି ରାମତାରକ ମନ୍ତ୍ରର ପ୍ରବର୍ତ୍ତକ। ଉପେନ୍ଦ୍ରଙ୍କ କାବ୍ୟରେ ରାମଙ୍କ ସହିତ ଶିବଙ୍କୁ ବହୁବାର ପ୍ରାର୍ଥନା କରାଯାଇଛି। ଘୁମୁସର ଇତିହାସ ଅନୁଯାୟୀ ଉପେନ୍ଦ୍ର ଓଡ଼ଗାଁର ରଘୁନାଥଙ୍କ ପ୍ରତିଷ୍ଠିତା। ଆଜି ମଧ୍ୟ ପୁରୀର କଣ୍ଟେଇବେଂଟ ସାହିରେ ପ୍ରତିଷ୍ଠିତ ଏକ ମଠର ନାମ ଘୁମୁସର ମଠ। ଯେଉଁଠାରେ ସୀତାରାମଙ୍କ ମୂର୍ତ୍ତୀ ପୂଜା ପାଉଛନ୍ତି। ଉପେନ୍ଦ୍ର ନିଜର ଶ୍ରୀକ୍ଷେତ୍ର ଆଗମନ କାଳରେ ସୀତାରାମଙ୍କୁ ଆରାଧନା କରୁଥିଲେ।

ପୈତୃକ ପରମ୍ପରାନୁସାରେ ଉପେନ୍ଦ୍ର ଥିଲେ ବୈଷ୍ଣବ। ତାଙ୍କ ସମୟକୁ କୃଷ୍ଣପ୍ରେମ ଧର୍ମ ସହିତ ଚୈତନ୍ୟଙ୍କର ଆବିର୍ଭାବ ଘଟିସାରିଥିଲା। ରାମାନୁଜ ଭକ୍ତି ଧର୍ମ ତାର ବିଚିତ୍ର ସ୍ୱରୂପଟିକୁ ନେଇ ଓଡ଼ିଶାରେ ବହୁଳ ପ୍ରସାରିତ ହୋଇଥିଲା। ଚୈତନ୍ୟଙ୍କ ପରକୀୟା ପ୍ରୀତିର ଉଦାହରଣ ଉପେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ରତି ଓ ପ୍ରୀତିର କାବ୍ୟକାର ହୋଇ ମଧ ସାମାଜିକ ଉଚ୍ଛୃଙ୍ଖଳାତାକୁ ସେ ପ୍ରଶୟ ଦେଇ ନ ଥିଲେ। ସ୍ୱକୀୟା ପ୍ରୀତି ଓ ଏକ ପତ୍ନୀବ୍ରତାର କଠୋର ପରିଧି ଉପେନ୍ଦ୍ର ଲଙ୍ଘନ କରିନାହାନ୍ତି। ଉପେନ୍ଦ୍ର ଥିଲେ ଶକ୍ତି ଓ ରାମଙ୍କର ପରମ ଭକ୍ତ। ଯଦିଓ ରାମଚନ୍ଦ୍ର ତାଙ୍କର ଇଷ୍ଟ ଓ ମାର୍ଗଦର୍ଶକ ଥିଲେ ମାତ୍ର ହିନ୍ଦୁ ଧର୍ମର ଅନ୍ୟାନ୍ୟ ଦେବ ଦେବୀଙ୍କ ପ୍ରତି ତାଙ୍କର ଥିଲା ଯଥୋଚିତ ସମ୍ମାନ। ସେ ତାଙ୍କ କବିତା ବୃତିରେ ଦୁର୍ଗା, ରାମ, ବିଷ୍ଣୁ, ଶିବ, କୃଷ୍ଣ, ଜଗନ୍ନାଥ ବିବିଧ ଅବତାରମାନଙ୍କୁ ସମ୍ମାନିତ କରିଛନ୍ତି।

ରାମଚନ୍ଦ୍ରଙ୍କୁ ତାଙ୍କର କବି ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ସେ "ଲାବଣ୍ୟବତୀ" କାବ୍ୟରେ ଲେଖିଛନ୍ତି "ରାମ ତାରକ ପରସାଦେ - ମୋହର କବିପଣ ଉଦେ" ଏଥିପାଇଁ ବୋଧ ହୁଏ ସେ ପ୍ରଥମେ ୮ ଅନୁପ୍ରାସରେ "ବୈଦେହୀଶ ବିଳାଶ" କାବ୍ୟ ରଚନା କରିଥିଲେ। ଏହି କାବ୍ୟକୁ ନେଇ ଏକ ରୋଚକ କଥା ଆସିଥାଏ। ପିଲାବେଳେ ଉପେନ୍ଦ୍ର ଗୋଟିଏ କବିତା ଲେଖି ନିଜ ପିତୃଙ୍କ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇବା ବେଳେ ସେ ହେୟ ଜ୍ଞାନ ପୂର୍ବକ କହିଥିଲେ କି କବିତା ଲେଖିଛୁବ? ପାଠକେ 'ବ' ହେଉଛି ଗୋଟି ନିରର୍ଥକ ବୋଧକ ଅକ୍ଷର। ସେହିଦିନ ଉପେନ୍ଦ୍ର କହିଲେ ଅଜା ଯେଉଁଟାକୁ ନିରର୍ଥକ ଓ ହେୟ ମନେକଲ, ସେଇ 'ବ' ଅନୁପ୍ରାସରେ କାବ୍ୟ ରଚନା କରିବି ଓ "ବୈଦେହୀଶ ବିଳାଶ" ଆଜି କାବ୍ୟ ଜଗତର ଏକ ମହାନକାବ୍ୟ। ରାମଚନ୍ଦ୍ରଙ୍କ ଭାବନା ଓ ଭକ୍ତି ତାଙ୍କର ସମସ୍ତ କାବ୍ୟରେ ବିକ୍ଷିପ୍ତ ଭାବରେ ରହିଛି। ରାମ ଓ ବିଷ୍ଣୁଙ୍କ ମଧ୍ୟରେ ସେ କୌଣସି ତାରତମ୍ୟ ଦେଖି ନାହାନ୍ତି। ଯାହାର ନିମ୍ନୋକ୍ତି ଉଦାହରଣରୁ ସ୍ପଷ୍ଟ ଅନୁମେୟ।

***"କହେ ଉପଇନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ। ଜାତକଲେ କ୍ଷୀରାର୍ଣ୍ଣବୁ ସୁଧା ମୋର/ଜୀରାର୍ଣ୍ଣକୁ ରସ ଗୀତ, ସେତ।"***

ଠିକ୍ ଲାବଣ୍ୟବତୀରେ ସେ ଲେଖିଛନ୍ତି "ଜୟ ଜୟ ଜୟରାମ ଜନକ ସୁଖଦ, ଭୀମ ହରଷ ଦାନରେ ସଦା ବିଶାରଦ"। ଠିକ୍ ସେପରି 'ତତୈକ' କାବ୍ୟରେ "ହରିତାସ୍ୱର ସର୍ବଦା ଅଙ୍କହୀନ ସେହି, ରାଘବ ଶିବ ବିଧିରେ ଉପଇନ୍ଦ୍ର ଧ୍ୟାୟୀ ଯେ"। କେବଳ ରାମଚନ୍ଦ୍ର ତାଙ୍କର ଇଷ୍ଟ ଥିଲେ ତାହା ନୁହେଁ ଏଥି ସହିତ ମଧ ସେ ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ଓ ହନୁମାନଙ୍କୁ ମଧ ସେ ବନ୍ଦନା କରିଛନ୍ତି। ସେ ସୀତାରାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କସ୍ମିନ୍‌କାଳେ ତାଙ୍କର ହୃଦୟ କନ୍ଦରରୁ ଅନ୍ତର ନ ହେବା ଲାଗି ସୀତାରାମଙ୍କୁ ଆବେଦନ ଜଣାଇ "ଲାବଣ୍ୟବତୀ" କାବ୍ୟରେ ସେ ଲେଖିଛନ୍ତି - ***"କହି କବି ଭଞ୍ଜ ବୀରବର ଦିବ୍ୟରସ/ ଆହେରାମ ଅବିଘ୍ନେ ଏ ଗୀତକର ଶେଷ। ସୀତା ସହିତେ ମୋ ଚିତ୍ତୁ ନୋହିବ ଅନ୍ତର/ଏହି ଅଭିଷ୍ଟକୁ କରିଅଛି ନିରନ୍ତର ହେ।"***

"ଅବନା ରସ ତରଙ୍ଗରେ" ସେ ଯୁଗ ଯୁଗ ଧରି ତାଙ୍କ ପାଦରେ ସ୍ଥାନ ଲଭିବାକୁ ଲେଖିଛନ୍ତି "ଉପଇନ୍ଦ୍ର ଭଞ୍ଜର ସହସ୍ର ଦଣ୍ଡବତ୍, ଜନମ ଜନମ କର ତବର ଭକତ"। ଉପରୋକ୍ତ ଆଲୋଚନାରୁ ଏହା ଅନୁମେୟ ହୁଏ ଯେ ରାମଚନ୍ଦ୍ର ଥିଲେ ତାଙ୍କର ଆଧାତ୍ମିକ ଭାବନାର କେନ୍ଦ୍ରବିନ୍ଦୁ। ଆଜି ପବିତ୍ର ରାମ ନବମୀରେ ମୋର ଇଷ୍ଟ ତଥା ଉପେନ୍ଦ୍ରଙ୍କର ଇଷ୍ଟ ତଥା ମାର୍ଗଦର୍ଶକ ପ୍ରଭୁ ରାଜୀବ ଲୋଚନ ସମାଜର ମଙ୍ଗଳ ବିଧାନ କରିବାସହ ସମଷ୍ଟିଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ। ଏହା ହିଁ କାମନା।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମେନ୍ ରୋଡ୍, ଖୋର୍ଦ୍ଧା**




## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

ବାଲେଶ୍ୱର (ପିଏନ୍): ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ନଗର ଶାଖା ପକ୍ଷରୁ ସ୍ଥାନୀୟ ଆୟୁଷ୍ମାନ ମଣ୍ଡପ ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧାତ୍ମିକ ସନ୍ଥ ଅବଧୁତ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଆଭିମୁଖ୍ୟ ଓ ମାନବ ଜୀବନରେ ଏହି ଦିନର ମହତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡକ୍ଟର ରମାକାନ୍ତ ବେହେରା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ ଭାରତୀୟ ସଂସ୍କୃତିରେ ମହାବିଷୁବ ସଂକ୍ରାନ୍ତି ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିନଠାରୁ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ କାଳ ଗଣନା ଆରମ୍ଭ ହୋଇଥିବା ବେଳେ ଏହି ଦିନଠାରୁ କଳି ଯୁଗାବ୍ଦ ହିସାବ ଶୁଭାରମ୍ଭ ହୋଇଥାଏ ବୋଲି ସେ କହିଥିଲେ। ବିଶ୍ୱହିନ୍ଦୁ ପରିଷଦର ନଗର ସଭାପତି ଆଲୋକ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜୟ ମହାପାତ୍ର ମଂଚ ପରିଚାଳନା କରିଥିଲେ।

## ନିଶ୍ଚିନ୍ତକୋଇଲିରେ 'ଭୂମି ସୁପୋଷଣ ଓ ସଂରକ୍ଷଣ' କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି (ପିଏନ୍): ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ଗ୍ରାମପଂଚାୟତ ମେହେନ୍ଦିପୁର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ତରଫରୁ ପ୍ରକୃତି ପୂଜନ ଓ କୃଷକ ସଚେତନତା କାର୍ଯ୍ୟକ୍ରମ ସହିତ "ଭୂମି ସୁପୋଷଣ ଓ ସଂରକ୍ଷଣ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଖଣ୍ଡ ଗ୍ରାମବିକାଶ ପ୍ରମୁଖ ପ୍ରଦିପ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କଟକ ବିଭାଗର ସହବିଭାଗ ସଙ୍ଘଚାଳକ ଡ. ଗୌତମ ମହାରଣା ଯୋଗଦେଇ ସମ୍ପ୍ରତି କୃଷିକ୍ଷେତ୍ରରେ ରାସାୟନିକ ସାର, କୀଟନାଶକ ଔଷଧ ଓ ହରମୋନ ବ୍ୟବହାର ଫଳରେ ମୃତିକା ନଷ୍ଟ ହେବା ସହ ଉପାର୍ଜିତ ଖାଦ୍ୟ ଶସ୍ୟ ବିଷାକ୍ତ ହେଉଥିବାରୁ ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଙ୍ଘ କଟକ ଜିଲ୍ଲାର ସହ କାର୍ଯ୍ୟବାହ ଲଳିତ ମୋହନ ପ୍ରଧାନ, ନିଶ୍ଚିନ୍ତକୋଇଲି ଖଣ୍ଡ ବ୍ୟବସ୍ଥା ପ୍ରମୁଖ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋପୂଜା, ବୃକ୍ଷପୂଜା, ମୃତିକା ପୂଜା କରାଯାଇଥିଲା। ଅଯୋଧ୍ୟାରୁ ଆସିଥିବା ପବିତ୍ର ମୃତିକାକୁ ସମସ୍ତ ଜନ ସାଧାରଣଙ୍କ କ୍ଷେତରେ ପକାଇବା ପାଇଁ ବଂଟନ କରାଯାଇଥିଲା।

## 'ଆହ୍ୱାନ' ପକ୍ଷରୁ ପଣାସଂକ୍ରାନ୍ତି ଅବସରରେ ଜଳଛତ୍ର କାର୍ଯ୍ୟକ୍ରମ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣି ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ପଣା ସଂକ୍ରାନ୍ତି ଦିବସରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆହ୍ୱାନ ସଭ୍ୟମାନଙ୍କ ଦ୍ୱାରା ଜଳଛତ୍ର କାର୍ଯ୍ୟକ୍ରମ ଗୋଖନା ବଜାର ଛକରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଫିତା କାଟି ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ସମୟରେ ମହା ବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଏକ ଆଲୋଚନାଚକ୍ର ସମାଜସେବୀ ପାଣ୍ଡବ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅଧ୍ୟାପକ ଅଶିତ୍ କୁମାର ମହାନ୍ତି ଯୋଗଦେଇ ଏହା ଓଡ଼ିଆମାନଙ୍କର ନୂତନ ବର୍ଷ ତଥା ହନୁମାନ ଜୟନ୍ତୀ ଏହି ଦିନଟି ଓଡ଼ିଆମାନଙ୍କର ଗର୍ବ ଓ ଗୌରବର ଦିନ ବୋଲି ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଅନୁଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ପୁରସ୍କାର ଦେବା ସମୟରେ ଉପସ୍ଥିତ ନଥିବାରୁ ଭଦ୍ରକର ଚରିଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଉକ୍ତ ଦିନରେ ପ୍ରଦାନ କରାଯାଇଥିଲା ଓ ଦୁଇଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ। ଦିଲ୍ଲୀପ କୁମାର ଦାସ, ଶ୍ରୀକାନ୍ତ ଜେନା, ତିଳୋତମା ଜେନା, ରୀତା ରାଉତ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର, ନଟବର ଜେନା, ବବିତା ମିଶ୍ର, ଜିତେନ୍ଦ୍ର ବେହେରା, ଜୟଦେବ ରାଉତ, ରାଜେଶ୍ୱର ସ୍ୱାଇଁ, ଗୋପାଳ ଚରଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସମାପନ ପରେ ସଭ୍ୟମାନ ପଣା ସେବନ କରିଥିଲେ। ସର୍ବଶେଷରେ ଅକ୍ଷୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଚର ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ ବିରୋଧରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ଗୋଚର ଜମିରେ ଶ୍ମଶାନ ନିକଟରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମପଞ୍ଚାୟତର ବେଲରପା ଗ୍ରାମର ଅଧିବାସୀମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମର ଜନସଂଖ୍ୟା ୧୫ଶହ ହୋଇଥିବା ବେଳେ ଗ୍ରାମର ଅଧିବାସୀମାନେ ମୁଖ୍ୟତଃ ଚାଷ ଓ ଗୋପାଳନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେହି ଗ୍ରାମରେ ଆବଶ୍ୟକତା ଠାରୁ କମ ଗୋଚରଜମି ରହିଛି। ସେହିଜମି ଗୋରୁଙ୍କ ଚାରଣ ଭୂମି ଓ ମୃତକଙ୍କ ଶବଦାହ ପାଇଁ ବ୍ୟବହୃତ ହେଉଛି। ଗ୍ରାମର ବିଦ୍ୟାଳୟ ନିକଟରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଜମି ଥିଲେ ମଧ ସେଠାରେ ଅଙ୍ଗନୱାଡି ଗୃହ ନିର୍ମାଣ କରାନଯାଇ ଗୋଚର ଜମିରେ କରିବା ପାଇଁ କେତେକ ଖଳ ପ୍ରକୃତିର ଲୋକ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ହୋଇଛି। ସେହି ଶ୍ମସାନରେ ବିଷଧର ସର୍ପଙ୍କ ସମେତ ବହୁ ହିଂସ୍ରଜନ୍ତୁ ରହୁଥିବାରୁ ସେଠାରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଲେ ଏହା ଭବିଷ୍ୟତରେ ଛୋଟ ଛୋଟ ପିଲାମାନଙ୍କ ଜୀବନ ପାଇଁ ବିପଦର କାରଣ ହେବ। ତେଣୁ ସେହି ଗୋଚର ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ କରାନଯାଇ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମାନସ ରାଉତ, ନଳିନୀକାନ୍ତ ସିଂ, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ଚିତ୍ରସେନ ରାଉତ, ବନ୍ଦନା ସାମଲ, ଦିବ୍ୟଲୋଚନ ମିଶ୍ର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି

# କେନ୍ଦ୍ରାପଡାରେ ମାସ୍କ ଚେକିଂ କଡାକଡି, ଅମାନିଆଙ୍କୁ ଜୋରିମାନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ଟାଉନ ଥାନା ପୋଲିସର ମିଳିତ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହିତ ଜନସାଧାରଣଙ୍କୁ କୋଭିଡ ସମ୍ପର୍କରେ ସଚେତନତା କରାଯିବା ସହ ମାସ୍କ ବଣ୍ଟନ କରାଯାଇଛି। ଏଥିସହିତ ଅମାନିଆଙ୍କ ଠାରୁ ଜୋରିମାନା ମଧ ଆଦାୟ ହୋଇଛି। କୋଭିଡ ସଂକ୍ରମଣର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସଂକ୍ରମଣ ରୋକିବାକୁ ୧୪ଦିନିଆ ମାସ୍କ ଅଭିଯାନ ଚଳାଇବାକୁ ଆହ୍ୱାନ ଦେଇଥିବା ବେଳେ ମାସ୍କ ନପିନ୍ଧିଲେ ଦୁଇଗୁଣା ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି॥ କେନ୍ଦ୍ରାପଡା ସହରର ପୁରୁଣାବସଷ୍ଟାଣ୍ଡ, ସାନ୍ତସାହି, ନୂଆବସଷ୍ଟାଣ୍ଡ, ମଡିଆଳ, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହ ମାସ୍କ ପିନ୍ଧି ନଥିବା ଅମାନିଆମାନଙ୍କ ଠାରୁ ୨ହଜାର ଟଙ୍କା ଲେଖାଁଏ ଜୋରିମାନା ଆଦାୟ କରାଯାଇଛି। ଏହି ମାସ୍କ ଚେକିଂ, ସଚେତନତା ଓ ମାସ୍କ ବଣ୍ଟନ ସମୟରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସୌମ୍ୟରଞ୍ଜନ ଜାଲି,ଟାଉନ ସର୍କଲ ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡା, ଉପଜିଲ୍ଲାପାଳଙ୍କ ଷ୍ଟାଫ ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ଥାନା ପୋଲିସ ପକ୍ଷରୁ ମାସ୍କ ପିନ୍ଧି ନଥିବା ଅମାନିଆଙ୍କ ଠାରୁ ୨୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ୨୦ହଜାର ୭ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

## ପଛୁଆବର୍ଗଙ୍କ ସାମାଜିକ ଶିକ୍ଷାଗତ ସ୍ଥିତି ସର୍ଭେ ପାଇଁ ତାଲିମ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ପଛୁଆବର୍ଗ ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ପଛୁଆବର୍ଗ କମିଶନ ଆସନ୍ତା ମଇମାସ ୧ତାରିଖରୁ ୨୫ତାରିଖ ମଧ୍ୟରେ ରାଜ୍ୟରେ ବାସ କରୁଥିବା ପଛୁଆବର୍ଗର ଲୋକମାନଙ୍କ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାଇ ରାଜ୍ୟ ସ୍ତରରୁ ତାଲିମ ନେଇ ଆସିଥିବା ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ଶିବିରକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଉଦଘାଟନ କରି ନିର୍ଭୁଲ ସର୍ଭେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ମନ୍ଦରଧର ମାହାଳିକ ପ୍ରମୁଖ ଯୋଗଦେଇ ସର୍ଭେର ଲକ୍ଷ୍ୟ, କାର୍ଯ୍ୟକାରିତା ପ୍ରଭୃତି ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଜିଲ୍ଲାର ମୁଖ୍ୟ ତାଲିମ ପ୍ରଦାମନକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସହ ଅନ୍ୟତମ ପ୍ରଶିକ୍ଷକ କେନ୍ଦ୍ରାପଡା ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା ପ୍ରଶିକ୍ଷ୍ୟାର୍ଥିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ମଇମାସ ୨୦ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ୨୮ ତାରିଖ ମଧ୍ୟରେ ୨ୟ ପର୍ଯ୍ୟାୟ ଏନୁମରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏହି ତାଲିମ ଶିବିରରେ ବିଡିଓ, ଏବିଡିଓ, ତହସିଲଦାର ଓ ସିଡିପିଓମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଂଚାୟତର ଦେପୁର ଗ୍ରାମରେ ଅନୁଷ୍ଠିତ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ମହିଳାମାନଙ୍କ ଦ୍ୱାରା ଗୋବରୀ ନଦୀର ବରୁଣାଇ ଘାଟରୁ ୧୦୮ କଳସ ଶୋଭାଯାତ୍ରା ସହିତ ସୂର୍ଯ୍ୟପୂଜା ନୂତନ ବିଗ୍ରହ ସ୍ଥାପନ, ହୋମଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସୁଦନ ରାଉତ, ସରୋଜକାନ୍ତ ବେହେରା, ହେମନ୍ତ ବେହେରା, ନକୁଳ ରାଉତ, ପ୍ରଫୁଲ ବେହେରା, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସଂପଦ କୁମାର ସାମଲ, ପୁର୍ଣ୍ଣଚନ୍ଦ୍ର ପତି, ଦିବାକର ପ୍ରଧାନ, ନିହାର ରଞ୍ଜନ ପ୍ରଧାନ, ବସନ୍ତ କୁମାର ରାଉତ ପ୍ରମୁଖଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇ ହନୁମାନଙ୍କର ଆଶିର୍ବାଦ ଲାଭ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା।

## ଅଜିତଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ବନ୍ଧମୁଣ୍ଡା ୧୦ ନମ୍ବର ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଅଜିତ ଶାହା (ଜିଲା)ଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏକ ଶୋକବାର୍ତ୍ତାରେ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀ କହିଛନ୍ତି ଯେ, ସ୍ୱର୍ଗତ ଅଜିତ ଶାହା କଂଗ୍ରେସ ଦଳରେ ଦୀର୍ଘବର୍ଷ ଧରି ନିଷ୍ଠାର ସହିତ କାମ କରି ଦଳ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବନ୍ଧମୁଣ୍ଡା ଅଞ୍ଚଳରେ ସାଧାରଣ ଲୋକଙ୍କ ସୁଖଦୁଃଖରେ ସର୍ବଦା ସାମିଲ୍ ହୋଇ ସବୁଶ୍ରେଣୀର ଲୋକମାନଙ୍କର ବେଶ୍ ପ୍ରିୟ ହୋଇ ପାରିଥିଲେ। ତାଙ୍କର ଅକାଳ ବିୟୋଗ ବନ୍ଧମୁଣ୍ଡା ଅଞ୍ଚଳ ସମେତ କଂଗ୍ରେସ ପରିବାର ପାଇଁ ଏକ ବିଶେଷ କ୍ଷତି ବୋଲି ଶ୍ରୀ ତିର୍କୀ ଉଲ୍ଲେଖ କରି ଏହି ଅସମୟରେ ଈଶ୍ୱର ତାଙ୍କ ପରିବାରକୁ ସହାୟ ହେବାକୁ ପ୍ରାର୍ଥନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ପ୍ରଭାତୀ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସବୀର ହୁସେନ, ଗଣେଶ ପ୍ରଧାନ, ସୁଦନ ତନ୍ତୀ, ବନ୍ଧମୁଣ୍ଡା ବ୍ଲକ୍ କଂଗ୍ରେସ ସଭାପତି ରାଜେନ୍ଦ୍ର ରଜାକ, ବନ୍ଧମୁଣ୍ଡା କଂଗ୍ରେସ ନେତା ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା, ଶଙ୍କର ଅଗ୍ରୱାଲ, ନରେନ୍ଦ୍ର ବର୍ମା, ଶୋଭା ସିଂହ, ଗୀତା ସାହୁ, ବିର୍‌ସା ମୁଣ୍ଡା, ପୀତାମ୍ବର ପଣ୍ଡା, କୁନା ମିଶ୍ର, ଫିଲିସିତା ଚାରୁଆ, ମହେଶ୍ୱର ତନ୍ତୀ, କୁଅଁରସିଂହ ପିୟୁ, ବାବୁ ମଲ୍ଲିକ, ଅନୀଲ ପାତ୍ର, ଏମ୍‌ଡି ଇରଫାନ, ଏଚ୍.ଆର୍. ପାଣି, ସରଦେଶ ସିଂହ, ଓବିସି ଅଧକ୍ଷ କୈଳାସ ସାହୁ, ଇନ୍‌ଟକ ଅଧକ୍ଷ ନିହାର ଦାସ, ସେବାଦଳ ଅଧକ୍ଷ ବିନୋଦ ରାଉତ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, କୃଷକ କଂଗ୍ରେସର ଜିଲ୍ଲା ଅଧକ୍ଷ ଚକ୍ରଧର ମାହାତୋ, କୃଷକ କଂଗ୍ରେସ ରାଉରକେଲା ଅଧକ୍ଷ ମନମୋହନ ଓରାମ, ମହିଳା ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଲିଗାଲ ସେଲ ଅଧକ୍ଷ ତଥା ଆଇନ୍‌ଜୀବୀ ବିସ୍ମୟ ଦାସ, ଏସ୍‌ଟି ସେଲ୍ ଅଧକ୍ଷ ରାଜେଶ ଟପ୍ପୋ ପ୍ରମୁଖ ସ୍ୱର୍ଗତ ଶାହାଙ୍କ ବିୟୋଗରେ ଶୋକ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ସ୍ମୃତିରେଖା ପହି ବିଜେପିରେ ଯୋଗଦାନ, କଂଗ୍ରେସରେ କୌଣସି ପ୍ରଭାବ ପଡ଼ିବ ନାହିଁ

ଧର୍ମଶାଳା : କିଛି ଦିନ ପୂର୍ବେ ପୂର୍ବତନ କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ବିଜେପିରେ ଯୋଗ ଦେଇଛନ୍ତି । ଧର୍ମଶାଳା କଂଗ୍ରେସ ସଂଗଠନରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଧର୍ମଶାଳା ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି । ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ସଭାପତିତ୍ୱ କରି ଶ୍ରୀ ପଣ୍ଡା କହିଲେ ଯେ, ଚିଲିକାକୁ ଅନେକ ବିଦେଶାଗତ ପକ୍ଷୀ ଆସିଥାନ୍ତି । ପୁଣି ଉଡି ଚାଲିଯାନ୍ତି । ସେମିତି ଧର୍ମଶାଳାକୁ ବାହାର ଅଂଚଳରୁ ଅନେକ କଂଗ୍ରେସ ନେତା ଆସି ଚାଲିଗଲେଣି । ଏଥିପାଇଁ ଦଳରେ କିଛି 'ରକ୍ ପଡିନାହିଁ । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ କଂଗ୍ରେସ କର୍ମୀମାନେ ଅଧିକ ସଂଗଠିତ ହୋଇ ବିରୋଧୀଙ୍କୁ ମୁକାବିଲା କରିବାକୁ ପଡିବ । ଏକ ବିବାଦୀୟ ଘଟଣାକ୍ରମେ ୨୦୧୯ ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ସେ ଦଳୀୟ ଟିକଟ ପାଇବାରୁ ବଂଚିତ ହୋଇଥିଲେ । ତଥାପି ସେ ଭାଙ୍ଗି ପଡି ନଥିବା ବେଳେ ଆଗାମୀ ପଂଚାୟତ ଓ ବିଧାନସଭା ନିର୍ବାଚନରେ କଂଗ୍ରେସ ତାର ପରାକାଷ୍ଠା ପ୍ରତିପାଦିତ କରିବ ବୋଲି ଶ୍ରୀ ପଣ୍ଡା ଦୃଢୋକ୍ତି ପ୍ରକାଶ କରିଥିଲେ । କଂଗ୍ରେସ ନେତା ବସନ୍ତ କୁମାର ପରିଡା, ପ୍ରଫୁଲ୍ଲ କୁମାର ରାୟ, ଶିବରାମ ସାହୁ, ନରୋତମ ନାୟକ, ନକୁଳ ଜେନା, ନୀଳମଣି ସ୍ୱାଇଁ, ଶ୍ୟାମସୁନ୍ଦର ରାଉତ, ନଟବର ସେଠୀ, ପ୍ରଶାନ୍ତ ସାହୁ, ନବଘନ ମଳିକ, ଅମରେନ୍ଦ୍ର ସାମଲ, ବାବୁଲି ମଳିକ, ନାରିନେତ୍ରୀ ମିଲି ମଳିକ, ସନ୍ତୋଷ ବେହେରା, ବିଜୟ କୁମାର ବେହେରା ଓ ସୁଧାକର ରାଉତ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଧର୍ମଶାଳାରେ ଦଳୀୟ ସଂଗଠନକୁ ଅଧିକ ମଜବୁତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଯୁବନେତା ଦେବାଶିଷ ପରିଡା ଧନ୍ୟବାଦ ଦେଇଥିଲେ ।

## ମ୍ୟାଟ୍ରିକ୍ ପରୀକ୍ଷା-୨୦୨୧ ବାତିଲ ଦାବିରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ବିକ୍ଷୋଭ

ବାରିପଦା: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା-୨୦୨୧ ବାତିଲ ଦାବିରେ ଆଜି ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ସ୍ଥାନୀୟ ଏମକେସି, ଏମପିକେ ଓ ସରସ୍ୱତୀ ବିଦ୍ୟାମନ୍ଦିର ଆଦି ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ଖବର ପାଇ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ ଏବଂ ବିକ୍ଷୋଭକାରୀମାନଙ୍କ ମଧ୍ୟରୁ ୬ ଜଣ ଛାତ୍ରମାନଙ୍କୁ ଥାନାକୁ ନେଇ ଯାଇଥିଲେ । ଏମକେସି ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟସୌମ୍ୟ ମହାପାତ୍ରଙ୍କ କହିବା ଅନୁସାରେ ସେମାନେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାକୁ ସ୍ଥଗିତ ରଖା ନଯାଇ ବାତିଲ କରାଯିବା ଦାବିରେ ଜିଲ୍ଲାପାଳଙ୍କୁ ଭେଟିବା ନିମନ୍ତେ ତାଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇଥିଲେ । ମାତ୍ର ସେଠାରେ ପୁଲିସ ଜିଲ୍ଲାପାଳଙ୍କୁ ଭେଟିବାର ସୁଯୋଗ ନଦେଇ ଟଣାଓଟରା କରିଥିଲେ ବୋଲି କହିଛନ୍ତି । ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ତନିଶା ପାତ୍ରଙ୍କ କହିବା ଅନୁସାରେ ଯେପରି ସିବିଏସସି ବିଦ୍ୟାଳୟର ଗୁଡ଼ିକରେ ପରୀକ୍ଷାକୁ ବାତିଲ କରାଯାଇଛି ସେହିପରି ବୋର୍ଡ଼ ପରୀକ୍ଷା ବାତିଲ କରାଯିବା ଦାବିରେ ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିବା ବେଳେ ପୁଲିସ ସେମାନଙ୍କୁ ବାଧା ଦେଇଥିଲେ ଏବଂ କିଛି ଛାତ୍ରମାନଙ୍କୁ ବଳପୂର୍ବକ ଉଠାଇ ନେଇଯାଇଛନ୍ତି ବୋଲି କହିଛନ୍ତି । ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଉହ୍ଲାଇ ଆସିଥିବାର ଖବର ପାଇ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାଏକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ସେମାନଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିବା ସହ ଛାତ୍ରଛାତ୍ରୀମାନଙ୍କର ଏହି ପ୍ରକାରର କାର୍ଯ୍ୟକଳାପକୁ ନାପସନ୍ଦ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀମାନେ କୌଣସି ଆଲୋଚନା ନକରି ଏହି ପ୍ରକାରର ପଦକ୍ଷେପ ନେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ପ୍ରକାଶ କରିଛନ୍ତି । ତେବେ ଏ ବିଷୟରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନଥିବା ସମୟରେ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ଥାନାରେ ଅଟକ ରହିଥିବା ଛାତ୍ରମାନଙ୍କୁ ସେମାନଙ୍କର ଅଭିଭାବକମାନଙ୍କୁ ଡ଼କାଇ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦିଆଯାଇଥିବା ବେଳେ ଏହି ପ୍ରକାରର ଛାତ୍ରଆନ୍ଦୋଳନରେ ପରଦା ପଛର ନାୟକ ଶୁକଲାଲ ମାର୍ଣ୍ଡିଙ୍କୁ ଥାନାରେ ଅଟକ ରଖାଯାଇଛି ଏବଂ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସେନାପତି ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ, ବିଶ୍ୱମହାମାରୀ କରୋନାର ସଂକ୍ରମଣ ବୃଦ୍ଧି ପାଇଥିବାରୁ ସିବିଏସଇ ଓ ଆଇସିଏସଇ ପରୀକ୍ଷାକୁ ବାତିଲ କରାଯାଇଥିବା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ମ୍ୟାଟ୍ରିକ ପରୀକ୍ଷାକୁ ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି । କିନ୍ତୁ ମ୍ୟାଟ୍ରିକ ପରୀକ୍ଷା ସ୍ଥଗିତ ବଦଳରେ ବାତିଲ କରାଯିବା ସାଙ୍ଗକୁ ପୂର୍ବ ପରୀକ୍ଷା ମାର୍କ ଆଧାରରେ ଉତୀର୍ଣ୍ଣ ଦାବିନେଇ ଏପ୍ରିଲ ୨୦ରେ ଛାତ୍ରଛାତ୍ରୀମାନେ ଭୁବନେଶ୍ୱରରେ ଆନ୍ଦୋଳନକୁ ଉହ୍ଲାଇଥିବାବେଳେ ଆଜି ବାରିପଦା ଠାରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଛି ।

## ଜିଲାରୁ ଆଉ ନୂଆ ୭୩ ଆକ୍ରାନ୍ତ ଚିହ୍ନଟ, ମୋଟ ସକ୍ରିୟଙ୍କ ସଂଖ୍ୟା ୪୨୪

ଭଦ୍ରକ : ଭଦ୍ରକ ଜିଲ୍ଲାରୁ ଆଉ ୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ଫଳରେ ଜିଲ୍ଲାର ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪୨୪ ହୋଇଛି । ଜିଲ୍ଲାରେ ଚିହ୍ନଟ ମୋଟ ଆକ୍ରାନ୍ତ ୮ହଜାର ୧୦୮ ହୋଇଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ହୋଇଛି ୭୬୫୮ । ଭଦ୍ରକ ବ୍ଲକର ଜଣେ ବ୍ୟକ୍ତି କଟକ ଏସ୍‌ସିବି ମେଡିକାଲରୁ, ଜଣେ ବ୍ୟକ୍ତି ବାସୁଦେବପୁର ବ୍ଲକ ବିରସ ବଳପୁର ଗ୍ରାମର, ସେ ଚିହ୍ନଟ ହୋଇଛନ୍ତି ଏସ୍‌ସିବିରୁ, ଧାମନଗର ବ୍ଲକର ଦଳାଙ୍ଗ ଗ୍ରାମର ଜଣେ ବ୍ୟକ୍ତି ଏସ୍‌ସିବିରୁ ଓ ହସନାବାଦ ଗ୍ରାମର ଜଣେ ବ୍ୟକ୍ତି ସମ୍ ହସ୍‌ପିଟାଲରୁ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ବାସୁଦେବପୁର ବ୍ଲକର ଓଗାଡ ଗ୍ରାମରୁ ଜଣେ, ବାଲିମେଦ ଗ୍ରାମରୁ ଜଣେ, ବିଦେଇପୁରରୁ ୩ଜଣ, ମାଟିପକା ଗ୍ରାମରୁ ଜଣେ, ସୁଦର୍ଶନପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଭଦ୍ରକ ବ୍ଲକର ଅଣ୍ଡେଇପଲ୍ଲୀ ଗ୍ରାମରୁ ୩ଜଣ, ଦୈସିଂ ଗ୍ରାମରୁ ଜଣେ, ନଳାଙ୍ଗ ଗ୍ରାମରୁ ୨ଜଣ, କାଉପୁର ଗ୍ରାମରୁ ଜଣେ, ମଉଦା ଗ୍ରାମରୁ ଜଣେ, ରାଣିତାଲରୁ ଜଣେ, ଆର.ଏନ. ବେତରା ଗ୍ରାମରୁ ଜଣେ, କୋଡନନ୍ଦପୁର ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିଭଳି ବନ୍ତ ବ୍ଲକର ବିଟିପୁର ଗ୍ରାମରୁ ଜଣେ, ନରାଜପୁର ଗ୍ରାମରୁ ଜଣେ, କୁମ୍ଭକରାଳ ଗ୍ରାମରୁ ଜଣେ, ଗୋପାଳପୁର ଗ୍ରାମରୁ ଜଣେ, ପାହାଡ଼ପୁର ଗ୍ରାମରୁ ୨ଜଣ, ବଇପୁର ମସଜିଦ୍ ଗ୍ରାମରୁ ଜଣେ, ରାମପୁର ଗ୍ରାମରୁ ୨ଜଣ, ତେଲିପୁର ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ବ୍ଲକ ଦେଉବିଲ ଗ୍ରାମରୁ ଜଣେ, ଧାମରାରୁ ୨ଜଣ, କଇଥଖୋଲା ଗ୍ରାମରୁ ଜଣେ, ତିହିଡ଼ି ବ୍ଲକ ନଚିବିନ୍ଧା ଗ୍ରାମରୁ ଜଣେ, ପାଳିଆ ଗ୍ରାମରୁ ଜଣେ, ସୟା ଗ୍ରାମରୁ ଜଣେ, ଓରାଳି ଗ୍ରାମରୁ ଜଣେ, ଭଦ୍ରକ ପୌରପାଳିକା ୫ ନଂ ୱାର୍ଡ ଚରମ୍ପାରୁ ଜଣେ,୧୧ ନଂ ୱାର୍ଡ ନୂଆବଜାରରୁ ୩ଜଣ, ୧୨ ନଂ ୱାର୍ଡ ବଙ୍କସାହିରୁ ୩ଜଣ, ୧୩ ନଂ ୱାର୍ଡ ଅପର୍ତିବିନ୍ଧା ଗ୍ରାମରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୩୦ ନଂ ୱାର୍ଡ ଉତରବାହିନୀ ଗ୍ରାମରୁ ଜଣେ, ୮ ନଂ ୱାର୍ଡ ବାଗୁରାଇରୁ ୨ଜଣ, ୬ ନଂ ୱାର୍ଡ ବାଇପାସ୍‌ରୁ ଜଣେ ଚିହ୍ନଟ ହୋଇଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ମହେଶପୁର ଗ୍ରାମରୁ ଜଣେ, ସରପଦା ଗ୍ରାମରୁ ଜଣେ, ଚିଙ୍ଗୁଡିପୁର ଗ୍ରାମରୁ ଜଣେ, କୋଟଶିରା ଗ୍ରାମରୁ ୨ଜଣ, ସରସଦା ଗ୍ରାମରୁ ୫ଜଣ, ଲକ୍ଷ୍ମୀସାଗର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକ ଉଲେଇପୁର ଗ୍ରାମରୁ ଜଣେ, କୁସୁମପୁର ଗ୍ରାମରୁ ଜଣେ, ନାରାୟଣପୁର ଗ୍ରାମରୁ ଜଣେ, ମଠସାହିରୁ ଜଣେ, କୋରୁଆ ଗ୍ରାମରୁ ଜଣେ, ବନ୍ଧଟିଆ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଅନ୍ୟଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ଖଇରାରୁ ୨ଜଣ ଓ ସିମୁଳିଆ ଅନ୍ତରା ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଆଇରନ ଓ ହାଇକୋର ଚୋରାଚାଲାଣର କରିଡର ପାଲଟିଛି କଉଡୁକୋଲ

ଧର୍ମଶାଳା : ଯାଜପୁର ଜିଲା ବେଣାପୁର ଠାରେ ବ୍ରାଉନ ସୁଗାର ନିଶା କାରବାରକୁ ନେଇ ସ୍ଥାନୀୟ ଅଂଚଳରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏବେ ଆଉ ଏକ ଚୋରା କାରବାର ଘଟଣା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଚଣ୍ଡିଖୋଲ ଫାଣ୍ଡି ଠାରୁ ମାତ୍ର କିଛି ଦୂରରେ ଧଳା ଜହର ଧରାପଡିବା ପରେ ଏବେ ଆଇରନ ଓ ହାଇକୋର ଚୋରାଚାଲାଣ ନେଇ ଅପରାଧି ମାନେ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି । ଯାହାକି ଆଇନ ବ୍ୟବସ୍ଥା ପୁରା ବିଗିଡିଥିବା ପରି ଲାଗୁଛି । ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଉଡୁକୋଲ ଛକରେ ସ୍ଥାନୀୟ ଅଂଚଳର କିଛି ଯୁବକ ଦୈତାରୀ ଓ କେନ୍ଦୁଝରରୁ ଆସୁଥିବା ଆଇରନ,ଆଇରନ ଗୁଲି ଓ ହାଇକୋର ଭଳି ମୂଲ୍ୟବାନ ଲଘୁଖଣିଜ ଦ୍ରବ୍ୟକୁ ଦିନ ଦ୍ୱିପ୍ରହରରେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟୁଥିବା ଦେଖିବାକୁ ମିଳିଛି । କିଛି ଯୁବକ ମାନେ ବୁଲେଟରେ ଆସି ୫୩ ନମ୍ବର ଜାତୀୟ ରାଜପଥ ଉପରେ ମାଲ ବୋଝେଇ କରି ଆସୁଥିବା ଟ୍ରକ ଗୁଡିକୁ ଅଟକାଇ ହାଇଜାକ କରି ଏକ ନିକାଞ୍ଚନ ସ୍ଥାନକୁ ନେଉଛନ୍ତି । ସେଠାରେ ମାଲ ଖଲାସ କରିବା ପରେ ବେନାମୀ ନମ୍ବର ଥିବା ଛଅ ଚକିଆ ଟ୍ରକରେ ଚୋରା ମାଲଗୁଡିକୁ ପାରାଦ୍ୱୀପ ଓ ଗୋପାଳପୁର ଅଂଚଳର ଜନୈକ ଚୋରା ଆଇରନର କିଙ୍ଗପିନକୁ ଦେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଏହି ଚୋରା ଟ୍ରକକୁ ପାଇଲଟିଂ କରି ଲୁଟେରାମାନେ ବିଭିନ୍ନ ଥାନାର ସୀମା ପାର କରାଉଥିବା ଜନୈକ ଯୁବକ କହିଛନ୍ତି । ତେବେ ଲକ୍ଷାଧିକ ଟଙ୍କାର ଚୋରା ଲୁହାପଥର ବୋଝେଇ କରି ଯାଉଥିବା ରୁଟରେ ପୁଲିସ କିପରି ଜାଣି ପାରୁ ନାହିଁ ତାହା ପୁଲିସର କାର୍ଯ୍ୟ ସନ୍ଦେହ ଘେରେକୁ ଆଣିଛି । ଏଥିପ୍ରତି ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ ଦାବି ହେଉଛି ।

## ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ, ପରେ ପ୍ରତାରଣା ଅଭିଯୋଗ

ବାରିପଦା : ପ୍ରଥମେ ପରିଚୟ, ପରିଚୟରୁ ପ୍ରେମ, ପ୍ରେମରୁ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ଓ ଗର୍ଭ ନଷ୍ଟ ପରେ ପ୍ରତାରଣା ଭଳି ଏକ ଅଭାବନୀୟ ଘଟଣାକୁ ନେଇ ପିଡ଼ିତା ପକ୍ଷରୁ ଆଜି ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହାକୁ ନେଇ ଥାନାରେ ଆଇପିସି ଧାରା ୩୭୬, ୪୧୭, ୩୧୩, ୫୦୬ ଅନୁସାରେ କେଶ ନମ୍ବର ୪୦୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ରାଇରଙ୍ଗପୁର ପୌରପରିଷଦର ଜନୈକ ଯୁବତୀ ବାରିପଦା ପୌରପରିଷଦରେ ଏକ ଭଡ଼ା ଘରେ ରହି ଏକ ଶିକ୍ଷା ଅନୁଷ୍ଠାନରେ ଚାକିରୀ କରିଆସୁଛନ୍ତି । ଯୁବତୀ ଜଣକ ଉଦଳା ମହାବିଦ୍ୟାଳୟରେ ୨୦୧୪ରେ ଗ୍ରାଜୁଏସନ କରୁଥିବା ସମୟରେ ବାଲେଶ୍ୱର ଜିଲ୍ଲା ମଇତାପୁର ଗ୍ରାମର ପ୍ରତାପ ମହାନ୍ତିଙ୍କ ପୁଅ ସୂର୍ଯ୍ୟପ୍ରତାପ ମହାନ୍ତିଙ୍କ ସହିତ ପ୍ରଥମେ ଦେଖାସାକ୍ଷାତ ଓ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ୨୦୧୬ରେ ବାରିପଦା ତଖତପୁର ସ୍ଥିତ ମହାବିଦ୍ୟାଳୟରେ ଏମଏସି କୋର୍ସ କରୁଥିବା ବେଳେ ସୂର୍ଯ୍ୟପ୍ରତାପ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀର ଅନିଚ୍ଛା ସତ୍ୱେ ଶାରିରୀକ ସମ୍ପର୍କ ରଖିଆସୁଥିଲା । ଏମଏସସି କୋର୍ସ ଶେଷ ହେବା ପରେ ଯୁବତୀ ଜଣକ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ଏକ ମହାବିଦ୍ୟାଳୟରେ ଚାକିରୀରେ ଯୋଗ ଦେଇଥିଲେ ଏବଂ ଏକ ଘର ଭଡ଼ା ନେଇ ରହୁଥିଲେ । ଏହି ସମୟରେ ସୂର୍ଯ୍ୟପ୍ରତାପ ରହୁଥିବା ଭଡ଼ା ଘରେ ପହଁଞ୍ଚି ଶାରିରୀକ ସମ୍ପର୍କ ରଖିଆସୁଥିବା ବେଳେ ଯୁବତୀ ଗର୍ଭବତୀ ହୋଇଥିଲେ ଓ ସୂର୍ଯ୍ୟପ୍ରତାପ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଔଷଧ ଦେଇ ତାର ଅନିଚ୍ଛା ସତ୍ୱେ ଗର୍ଭନଷ୍ଟ କରାଇ ଦେଇଥିଲେ । ଯୁବତୀ ଜଣକ ସୂର୍ଯ୍ୟପ୍ରତାପଙ୍କୁ ବିବାହ କରିବା ନିମନ୍ତେ ଜିଦ ଧରି ବସିବାରୁ ସୂର୍ଯ୍ୟପ୍ରତାପ ତାଙ୍କ ମା, ଭଉଣୀ ଓ ଗୁଣ୍ଡା ଲଗାଇ ଅପହରଣ ଓ ମର୍ଡ଼ର କରିଦେବାର ଧମକ ଦେଇଥିଲେ ।

## ନୂଆ ୧୫୧ କରୋନା ପଜିଟିଭ୍ ଚିହ୍ନଟ : ଦୁଇ ଦିନରେ ୫ ଆକ୍ରାନ୍ତଙ୍କ ମୃତ୍ୟୁ

ଗଞ୍ଜାମ: କରୋନା ଦ୍ୱିତୀୟ ଲହର ଗଞ୍ଜାମ ଜିଲ୍ଲାରେ କ୍ରମଶଃ ବିସ୍ଫୋରକ ରୂପ ନେବାରେ ଲାଗିଛି । ପୂର୍ବରୁ ଦିନକୁ ଶହେରୁ କମ୍ ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ଆଜି ୧୫୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଆଜି ରାଜ୍ୟରେ ୫ ଜଣ କରୋନା ଆକ୍ରାନ୍ତଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଥିବା ବେଳେ କେବଳ ଗଞ୍ଜାମ ଜିଲ୍ଲାରେ ଗତକାଲିଠାରୁ ଆଜି ମଧ୍ୟରେ ୫ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ରହିଛନ୍ତି ସୋରଡ଼ା ବାଗିଡ଼ି ପ୍ରଧାନଶିକ୍ଷକ ରାଧାକୃଷ୍ଣ ପାତ୍ର, ଦିଗପହଣ୍ଡି ଶିଶୁ ମନ୍ଦିର ଶିକ୍ଷକ ପ୍ରଶନ୍ନ ଦାଶ, ଶେରଗଡ଼ ସାମ୍ବାଦିକ କରୁଣାକର ସାହୁ, ପିତଳର କଲ୍. ରାମାମାରାଓ । ବର୍ତମାନ ରାଜ୍ୟ ବାହାରୁ ବିଭିନ୍ନ ରାସ୍ତା ଦେଇ ଜିଲ୍ଲା ମଧ୍ୟକୁ ଅନ୍ୟ ରାଜ୍ୟରୁ ଲୋକେ ଆସୁଥିବାରୁ କରୋନା ସଂକ୍ରମଣ କ୍ରମଶଃ ବ୍ୟାପୀବାରେ ଲାଗିଛି । ସେମାନଙ୍କୁ ଯାଂଚ୍ କରିବା ମଧ୍ୟ ସୁବିଧାଜନକ ହେଉନାହିଁ । ତେବେ ଗତକାଲି ଠାରୁ ଜିଲ୍ଲାରେ ଘରକୁ ଘର ବୁଲି ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀ ମାନେ ସ୍କ୍ରିନିଂ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ବ୍ୟାପୀ ଚାଲିବ । ତେବେ ଗତ ବର୍ଷ କରୋନା ସମୟରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା କୋଭିଡ୍ କେୟାର ସେଂଟରରେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କର୍ମୀଙ୍କୁ ସେମାନଙ୍କ ପ୍ରାପ୍ୟ ଅଦ୍ୟାବଧି ଦିଆଯାଇନଥିବାରୁ ଏବଂ ଏହି କାର୍ଯ୍ୟ କରି ୩ ଜଣ ଅଙ୍ଗନବାଡ଼ି କର୍ମୀ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ ମଧ୍ୟ ସେମାନଙ୍କୁ ସରକାରଙ୍କ ଘୋଷିତ ଅର୍ଥରାଶି ଦିଆଯାଇନଥିବାରୁ ଏହାର ପ୍ରତିବାଦ କରି ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଓ ଲେଡ଼ିଜ୍ ୱାର୍କରସ୍ ଆସୋସିଏସନ ପକ୍ଷରୁ ଏହାକୁ ବର୍ଜ୍ଜନ କରାଯାଇଛି ବୋଲି ଗଞ୍ଜାମ ଜିଲ୍ଲା ସଭାନେତ୍ରୀ ରଞ୍ଜିତା ରଥ ସୂଚନା ଦେଇଛନ୍ତି ।

## ଆଧୁନିକ ଓଡିଶା ନିର୍ମାଣରେ ଜାନକୀ ବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦ୍ରାପଡା : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମ ରାଜ୍ୟପାଳ ଓ ପ୍ରତିଷ୍ଠିତ ସାରସ୍ୱତ ସାଧକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକ କେନ୍ଦ୍ରାପଡାରେ ପାଳନ କରାଯାଇଛି । ଜାନକୀ ବଲ୍ଲଭ ସ୍ମୃତି ବିଚାର ବିଚାର ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହାର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଅଧ୍ୟକ୍ଷତା କରିଥିଲେ । ଗବେଷକ ଡ଼ଃ ବାସୁଦେବ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଓଡିଶା ନିର୍ମାଣରେ ଜାନକୀ ବାବୁଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ସମଗ୍ର ଦେଶରେ ଓଡିଶାକୁ ଆଗେଇ ନେବାପାଇଁ ଜାନକୀ ବାବୁ ମୁଖ୍ୟ ସ୍ଥପତି ଭାବେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ସଭାପତି ଶ୍ରୀ ବେହେରା ନିଜ ବକ୍ତବ୍ୟରେ ଜାନକୀ ବାବୁଙ୍କ କର୍ମନିଷ୍ଠା, ରାଜନୈତିକ ଦକ୍ଷତା ଓ ମେଧା ବଳରେ ଏକ ସାଧାରଣ ପରିବାରୁ ଆସିଥିଲେ ମଧ୍ୟ ରାଜନୈତିକ ମଂଚରେ ମୁଖ୍ୟ ଭୂମିକା ନିର୍ବାହ କରି ସର୍ବ ଭାରତୀୟ ସ୍ତରରେ ନିଜକୁ ଉପସ୍ଥାପିତ କରି ପାରିଥିଲେ । ସାଂପ୍ରତିକ ସମୟରେ କଂଗ୍ରେସ ସମ୍ମୁଖୀନ ହେଉଥିବା ପରିଚୟ ସଙ୍କଟ କାଳରେ ଜାନକୀ ବାବୁଙ୍କ ଅଭାବ ଅନୁଭୁତ ହେଉଛି । ତାଙ୍କର ଦୂର ଦୃଷ୍ଟି ଓ ରାଜନୈତିକ କୌଶଳ ଅବଲମ୍ବନ କେିପାରିଲେ କଂଗ୍ରେସ ତାର ପୂର୍ବ ଗୌରବ ହାସଲ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଆସନ୍ତା ଶ୍ରାଦ୍ଧ ବାର୍ଷିକ ଅବସରରେ କେନ୍ଦ୍ରାପଡାରେ ତାଙ୍କର ପ୍ରତିମୂର୍ତି ପ୍ରତିଷ୍ଠା ହେବ ବୋଲି ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ଆକବର ଅଲ୍ଲୀ, ଜ୍ଞାନ ରଞ୍ଜନ ବେହୁରା, ପ୍ରଫୁଲ ଦାସ, ମୁକ୍ତାର ଖାନ, ଶରତ ବେହୁରା, ସମ୍ବିତ ଶ୍ରୀଚନ୍ଦନ, ମିର୍ ମୁରସିଦ, ପ୍ରଭାତ କୁମାର ଉଡାନସିଂ, ଆଶିଷ ମେକାପ, ରତିକାନ୍ତ ସାମଲ, ଅନନ୍ତ ସ୍ୱାଇଁ, ଲକ୍ଷ୍ମୀଧର ପଲାଇ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପାଇବାକୁ ଥିବା ସାହିତ୍ୟିକ ତଥା ଅଧ୍ୟାପକ ଡ଼ଃ ବୈଷ୍ଣବ ଚରଣ ସାମଲଙ୍କୁ ତାଙ୍କ ଅନୁପସ୍ଥିତି ରେ ତାଙ୍କ ବାସଭବନରେ ଏହା ପ୍ରଦାନ ପାଇଁ ନିଷ୍ପତି ଗ୍ରହଣ କରାଯାଇ ଥିଲା ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)-ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଉଦଘାଟିତ ହେଲା ସୁକନ୍ୟା ରେଡିମେଡ ଗାର୍ମେଂଟ : ଆତ୍ମ ନିଯୁକ୍ତି କ୍ଷେତ୍ରରେ ସୁକନ୍ୟା ଦୃଷ୍ଟାନ୍ତ ହେବ

ଧର୍ମଶାଳା: ମଣିଷ ବଂଚି ରହିବା ପାଇଁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବା ହିଁ ସମାଜେସେବା । ଏ କ୍ଷେତ୍ରରେ ଯାଜପୁର ଜିଲା ଧର୍ମଶାଳାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁକନ୍ୟା ଉଲ୍ଲେଖନୀୟ କାର୍ଯ୍ୟ କରିଛି । ଆଗାମୀ ଦିନରେ ସୁକନ୍ୟା ଆତ୍ମ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଏକ ଦୃଷ୍ଟାନ୍ତ ହେବ ବୋଲି ଜାରକାରେ ସୁକନ୍ୟା ରେଡିମେଡ ଗାର୍ମେଂଟ ଉଦଘାଟନ କରି ବି.ଜେ.ଡି ଯୁବନେତା ତଥା ବରିଷ୍ଠ ସାମ୍ବାଦିକ ସତୀଶ ବିଶ୍ୱାଳ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଆଜି ପବିତ୍ର ରାମ ନବମୀରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ସତୀଶ କହିଥିଲେ ଯେ, ଦୀର୍ଘ ବର୍ଷ ହେଲା ସୁକନ୍ୟା ସମାଜସେବା କ୍ଷେତ୍ରରେ ନିଷ୍ଠା ଏବଂ ଅଙ୍ଗୀକାରବଦ୍ଧତାର ଏକ ସଂକେତ ହୋଇଛି । ଚକ୍ଷୁ ନଥିବା ଗରୀବ ମାନଙ୍କୁ ଚକ୍ଷୁଦାନ ଠାରୁ ବିଭିନ୍ନ ପ୍ରକାର ସେବା ପ୍ରଦାନରେ ସୁକନ୍ୟାର ସୁନାମ ରହିଛି । ଏବେ କରୋନା ମହାବିପତି ସମୟରେ ଗ୍ରାମାଂଚଳରେ ଆତ୍ମ ନିଯୁକ୍ତି ଅତ୍ୟାବଶୀକ ହୋଇ ପଡିଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମ୍ଭ ଗ୍ରାମାଂଚଳରେ ଆତ୍ମ ନିଯୁକ୍ତିକୁ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ସୁକନ୍ୟା ତର'ରୁ ଜାରକାରେ ଏକ ରେଡିମେଡ ଗାର୍ମେଂଟ କରାଯାଇ ବହୁ ବେକାର ଯୁବକ ଓ ଯୁବତୀଙ୍କୁ ଆତ୍ମ ନିଯୁକ୍ତି ପ୍ରଦାନ ପାଇଁ ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି । ଏଥିରେ ଗୋକର୍ଣ୍ଣିକାର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, ଯାଜପୁର ଲେଖକ ସମ୍ମିଳନୀର ସଭାପତି ଡଃ ରୁଦ୍ର ନାରାୟଣ ପୃଷ୍ଟି, ଆଜିର ଆହ୍ୱାନର ସଂପାଦକ ମାନସ ରଂଜନ ଜେନା, ଜାରକା ମହିଳା ମହାବିଦ୍ୟାଳୟର ଅ୍ମକ୍ଷା ତଥା ସୁସାହିତ୍ୟିକା ଡ଼ ଇନ୍ଦୁପ୍ରଭା ସାମଲ, ଆଇ.ବି.ଏନ ଓଡିଶାର ସଂପାଦକ ସଂଜୟ କୁମାର ମିଶ୍ର ଓ ଅଧ୍ୟାପିକା ତଥା ଲେଖିକା ଡ଼ ଚନ୍ଦ୍ରକଳା ନାୟକ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଉତୋରତର ଉନ୍ନତି କାମନା କରିବା ସହ ଅନୁଷ୍ଠାନର ସଭାପତି ଓ ସଂପାଦିକାଙ୍କ ଜନହିତକର ଓ ମହତ୍ୱପୂର୍ଣ୍ଣ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଗ୍ରାମାଚଂଳରେ ମହିଳା ମାନଙ୍କ ପୋଷାକ କ୍ଷେତ୍ରରେ ଯାବତୀୟ ଆବଶ୍ୟକତା ସୁଲଭ ମୂଲ୍ୟରେ ପ୍ରଦାନ କ୍ଷେତ୍ରରେ ଏହି ଗାର୍ମେଂଟ ଯୋଗାଇ ପାରିଲେ ଅନେକ ବେକାର ଯୁବକ ଯୁବତୀ ଆତ୍ମ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ତିକ ସ୍ୱାଇଁ, ତୁଷାର ଖୁଂଟିଆ, ରାକେଶ ବେହେରା, ମାନସ ବିଶ୍ୱାଳ, ବିକାଶ ବାରିକ, ପ୍ରଦୀପ ମହାନ୍ତି ଓ ଅଂଶୁମାନ ରଥ ପ୍ରମୁଖ ଉପସ୍ଥିତ ରହଥିଲେ । ଏଥିରେ ସଭାପତି ଅଜୟ ବାରିକ ସ୍ୱାଗତ ଭାଷଣ ଏବଂ ସଂପାଦିକ ରଂଜିତା ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନ୍ତପର୍ଯ୍ୟବେକ୍ଷକ' ୨୨ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ବଢୁଛି, ପ୍ରଶାସନ ଦୃଢ ପଦକ୍ଷେପ ନେବାକୁ ଦାବୀ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ଏବେ ସାଧାରଣରେ ଉଦବେଗ ସୃଷ୍ଟି କରିଛି । କେନ୍ଦୁଝର ସହରାଂଚଳ ଏବେ ସଙ୍କଟଜନକ ପରିସ୍ଥିତିରେ ପହଂଚିଥିବାବେଳେ ଜନସାଧାରଣ ନିଜେ ଅଧିକରୁ ଅଧିକ ସଚେତନ ହେବା ଆବଶ୍ୟକ ହୋଇପଡିଛି । ଚିହ୍ନଟ ୧୬୬ ଜଣଙ୍କୁ ମିଶାଇ ଜିଲ୍ଲାର ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦୪୩ ରେ ପହଂଚି ଥିବାବେଳେ ସେଥି ମଧ୍ୟରୁ ୮୩୫୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ସାରିଲେଣି । ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଜିଲ୍ଲାର ଆକ୍ଟିଭ କେଶ ସଂଖ୍ୟା ୬୮୬ ଥିବା ଜଣାପଡିଛି । ଆଜି ଚିହ୍ନଟ ହୋଇଥିବା ୧୬୬ଜଣଙ୍କ ମଧ୍ୟରୁ କେନ୍ଦୁଝର ସହରରୁ ୬୪ଜଣ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି । ଗତ କାଲିଠାରୁ କେନ୍ଦୁଝର ରାଙ୍କିଠାରେ କୋଭିଡ ହସ୍‌ପିଟାଲ ଆଜିଠାରୁ କାର୍ଯ୍ୟକ୍ଷମ ହେଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ୧୦୦ ବେଡ ବିଶିଷ୍ଟ ଏହି ହସ୍‌ପିଟାଲରେ ୨୪ଟି ଆଇସିୟୁ, ୧୨ଟି ଭେଣ୍ଟିଲେଟର, ଅକ୍ସିଜେନ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହୋଇଛି । ତେବେ ଏହି ହସ୍‌ପିଟାଲ ବିଳମ୍ବରେ ଖୋଲାଯିବା ନେଇ ବିରୋଧି ଦଳ ମାନେ ପ୍ରଶ୍ନ ଉଠାଇଛନ୍ତି । ୭ଦିନ ପୂର୍ବରୁ ଖୋଲା ଯାଇଥିଲେ ଉଚିତ ଚିକିତ୍ସା ନପାଇ ମୃତ୍ୟୁବରଣ କରିଥିବା ତଥା ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର ଚାଲି ଯାଇଥିବା ରୋଗୀମାନେ ଉପକୃତ ହୋଇ ପାରିଥାନ୍ତେ ବୋଲି ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଅଭିଯୋଗ କହିଛନ୍ତି । ପ୍ରକାଶ ଯେ, ଗତବର୍ଷ ତୁଳନାରେ ଚଳିତବର୍ଷ କରୋନା ସଂକ୍ରମଣ ବହୁ ଗୁଣା ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଏହାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇ ପଡିଛନ୍ତି । ବିଶେଷ କରି ଚିକିତ୍ସା ସୁବିଧା ନଥିବାରୁ ବହୁ ରୋଗୀଙ୍କୁ ଅନିଶ୍ଚିତତା ମଧ୍ୟରେ ଘରେ ରହି ଚିକିତ୍ସିତ ହେବାକୁ ପଡିଥିଲା । ଯେଉଁମାନଙ୍କ ପାଖରେ ଅର୍ଥ ଅଛି ସେମାନେ କଟକ, ଭୁବନେଶ୍ୱର ଯାଇ ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ବର୍ତ୍ତମାନ କରୋନା ସଂକ୍ରମଣ ଦୃତ ଗତିରେ ବୃଦ୍ଧି ପାଉଥିବାରୁ ଏହା ଉପରେ ରୋକ ଲଗାଇବା ପାଇଁ ଅନ୍ୟୁନ ୭ ଦିନ ସଟ୍‌ଡାଉନ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି । ଏହାଦ୍ୱାରା କରୋନା ଚେନକୁ ଭାଙ୍ଗି ହେବ ବୋଲି ମତପ୍ରକାଶ ପାଇଛି । ଅବ୍ୟାବଧି ସଂକ୍ରମଣ ଦୃତ ବୃଦ୍ଧି ପାଇବାରେ ଲାଗିଥିଲେ ହେଁ ସମସ୍ତ କୋଭିଡ କେୟାର ସେଣ୍ଟର, ପଞ୍ଚାୟତସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଅଦ୍ୟାବଧି ଖୋଲି ପାରିନାହିଁ । ସେହିଭଳି ଯେଉଁ ଭଳି ଭାବରେ ରୋଗୀ ଗୁରୁତର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ସେହି ପରିସ୍ଥିତିରେ ମାତ୍ର ୧୦୦ ବେଡ ବିଶିଷ୍ଟ ମେଡିକାଲ ଆବଶ୍ୟକତା ପୂରଣ କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠିଛି । ଏହାଛଡା ସ୍ୱାବ ପରୀକ୍ଷା କମ ସଂଖ୍ୟାରେ କରାଯାଉଥିବାରୁ ରୋଗୀ ଚିହ୍ନଟ ବିଳମ୍ବ ହେଉଛି । ସେହିପରି ସ୍ୱାବ ପରୀକ୍ଷା ପାଇଁ କଟକ ଯାଉଥିବା ସ୍ୱାବ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ବହୁ ରୋଗୀଙ୍କ ବିଳମ୍ବରେ ଚିକିତ୍ସା ହେଉଥିବାରୁ ଗୁରୁତର ହୋଇପଡୁଛନ୍ତି । ଗତ ୨୦ ତାରିଖ ଦିନ କେନ୍ଦୁଝର ବଡହଳର ପ୍ରବୀଣ ତ୍ରିପାଠୀ ନାମକ ଜଣେ ୪୦ ବର୍ଷ ଯୁବକର କରୋନାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । କରୋନାରେ ଆକ୍ରାନ୍ତ ହୋଇ ବହୁ ରୋଗୀଙ୍କ ମୃତ୍ୟୁ ହେଉଥିଲେ ହେଁ ମୃତ୍ୟୁର କାରଣ ଅଲଗା ଦର୍ଶାଇ ପ୍ରଶାସନ ପକ୍ଷରୁ ମାତ୍ର ୩ଜଣ ଦର୍ଶାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

# ଦୁଇଟି ପୃଥକ ଦୁର୍ଘଟଣାରେ ୨ ମୃତ, ୬ ଆହତ

ଆନନ୍ଦପୁର:ଘଷିପୁରା ଓ ଆନନ୍ଦପୁର ଥାନା ଅଂଚଳରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ଆନନ୍ଦପୁର ଥାନା ଗୟଳମୁଣ୍ଡା ପଂଚାୟତ ଜାଳି ଗ୍ରାମ ନିକଟରେ ଏକ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଭିକାରିମନ୍ଦା ଗ୍ରାମର କାପୁରା ସୋରେନ(୬୫) । ଆଜି ଦିନ ପ୍ରାୟ ୧୧ଟା ବେଳେ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ଅଟୋଟୁ ରାସ୍ତାକଡକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ କାପୁରାଙ୍କର ମୃତ୍ୟୁ ଘଟିଥିଲା । ମାଇଲୋ ସୋରେନ୍(୩୨), ପୁରମାଲ ହାଁସଦା (୩୬), କାଲା ମୁର୍ମୁ(୪୨)ଙ୍କ ସମେତ ଆଉ ୩ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାକୁ ପଠାଇ ଥିଲେ । ଆନନ୍ଦପୁର ପୋଲିସ୍ ମୃତଦେହକୁ ଜବତ କରି ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଛେଦ କରାଇଛି । ଦୁର୍ଘଟଣା ଘଟାଇବା ପରେ ପିକଅପ ଭ୍ୟାନ୍ ଫେରାର ହୋଇଯାଇଛି । ସେହିପରି ୨୦ନଂ ଜାତୀୟ ରାଜପଥ ଘଷିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ଟ୍ରକ୍ ଧକ୍କାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ।

# ଦୈତାରୀ ମାଇନ୍ସର ବିକଳ ଚିତ୍ର, ଲୁଣ ଭାତରେ ବିତୁଛି ଆଦିବାସୀଙ୍କ ଜୀବନ, ପ୍ରଶାସନର ନଜର ପଡୁନାହିଁ

ହରିଚନ୍ଦନପୁର: କେନ୍ଦୁଝର ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ବ୍ଲକର ଦୈତାରୀ ମାଇନ୍ସ ନିକଟରେ ବସବାସ କରୁଥିବା ଆଦିବାସୀ ଲୋକେ ସରକାରୀ ଯୋଜନା ସହ ମାଇନ୍ସର ସାହାଯ୍ୟରୁ ବଞ୍ଚିତ ହୋଇ ଲୁଣ ଭାତରେ ପେଟ ପୋଷୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଖବର ଅନୁଯାୟୀ ଆଜକୁ ଦୀର୍ଘ ବର୍ଷ ହେବ ଏଠାରେ ଅନେକ ଆଦିବାସୀ ମହ୍ଲାର ସଂପ୍ରଦାୟର ପରିବାର ବସବାସ କରୁଛନ୍ତି । ଆଦିବାସୀ ଶ୍ରେଣୀର ଲୋକଙ୍କ ପାଇଁ ବାର୍ଷିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଯୋଜନା ରହିଛି ସତ । ସବୁ ଯୋଜନା ଥାଇ ମଧ ତାହାର ବାସ୍ତବ ଚିତ୍ର ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ଓଲଟା । ଦୀପ ତଳ ଅନ୍ଧାର ଭଳି ଦୈତାରୀରେ ବସବାସ କରୁଥିବା ଆଦିବାସୀ ଶ୍ରେଣୀର ଲୋକଙ୍କ ଭିଟାମାଟିରେ ଦୈନିକ ଓଏମସି ମାଇନ୍ସ ହଜାର ହଜାର କୋଟି ଟଙ୍କା ଲାଭ ପାଉଛି । ହେଲେ ସେହି ଆଦିବାସୀ ପରିବାରର ଲୋକେ ପ୍ରତ୍ୟେକ ଦିନ ମାଇନ୍ସର ଧୂଳି ଧୂଆଁରେ ଅତିଷ୍ଠ ସହ ପ୍ରଭାବିତ ହେଉଥିବା ବେଳେ ମାଇନ୍ସ କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନଦେଖିବା ଭଳି ରହୁଛନ୍ତି । ଯାହାକୁ ନେଇ ସେମାନଙ୍କ ଦରିଦ୍ରତା ଦିନକୁ ଦିନ ସୀମା ଟପିବାକୁ ବସିଥିବା ଦୃଶ୍ୟ ଏବେ ଦେଖିବାକୁ ମିଳିଛି । ଏଥିସହ ଉକ୍ତ ପରିବାର ଲୋକେ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହୋଇ ଅତି ଦୁର୍ଦ୍ଦିନରେ ଦିନ କାଟୁଥିଲେ ମଧ ସେମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ । ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଭଙ୍ଗା ଝାଟିମାଟି ଘରେ ଅତି ଦୟନୀୟ ଅବସ୍ଥାରେ ଅନେକ ଆଦିବାସୀ ପରିବାର ଲୋକେ ମୁଣ୍ଡ ଗୁଞ୍ଜୁଥିବା ସହ ଦୈନିକ କାମ ନପାଇ ଲୁଣ ଭାତରେ ଖାଇ ପେଟ ପୁରାଉଥିବା ଦେଖିବାକୁ ମିଳିଛି । ସରକାରୀ ବିଭିନ୍ନ ଯୋଜନା ଥାଇ ମଧ କେତେକ ଖାମଖିଆଲି ମନୋଭାବ ରଖୁଥିବା ସରକାରୀ ବାବୁଙ୍କ ପାଇଁ ଏହି ଭଳି କେତେକ ପରିବାର ଆଖି ନଦେଖିଲା ଭଳି ଅବସ୍ଥାରେ ଜୀବନ ବିତାଉଛନ୍ତି । ତେଣୁ ଏଥିପ୍ରତି ପ୍ରଶାସନ ଓ ଓଏମସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଯଥା ସମ୍ଭବ ଉକ୍ତ ପରିବାରକୁ ସାହାଯ୍ୟ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ଓ ଜନସାଧାରଣରେ ଦାବି ହୋଇଛି । ଦେଖିବାକୁ ବାକି ରହିଲା ଏହି ବିକଳ ଚିତ୍ର ଲୋକଲୋଚନକୁ ସହ ପ୍ରଶାସନ ଓ ଓଏମସି ମାଇନ୍ସ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିବା ପରେ ଉକ୍ତ ପରିବାରକୁ କେବେ ମିଳୁଛି ନିଜର ପ୍ରାପ୍ୟ ଅଧିକାର ।

# ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର କରିବାରେ ଅବଦାନ ରଖିବେ

ବାରିପଦା: ବାରିପଦା ପୌରପାଳିକାରେ ପ୍ରଥମ ଥର ପାଇଁ କିନ୍ନର ଓ ମହିଳା ବ୍ୟାଟେରୀ ଚାଳିତ ତିନିଚକିଆ ଗାଡ଼ି ଚଲେଇବେ । ପୌରପାଳିକା ପକ୍ଷରୁ ଘରକୁ ଘର ବୁଲି ଏହି ଗାଡ଼ି ସାହାଯ୍ୟରେ ବର୍ଜ୍ୟ ସଂଗ୍ରହ କରିବା ସହିତ ସ୍ୱଚ୍ଛତା କ୍ଷେତ୍ରରେ ଅବଦାନ ରଖିବେ । କିନ୍ନର ଓ ମହିଳାଙ୍କୁ ରୋଜଗାର ଯୋଗାଇଦେବା ଉଦ୍ଦେଶ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ହୋଇଥିବା ଯୋଜନାର ଅଂଶ ସ୍ୱରୂପ ବାରିପଦାରେ ପ୍ରଥମ ଦଫାରେ ୧୦ଟି ବ୍ୟାଟେରୀ ଚାଳିତ ତିନି ଚକିଆ ଗାଡ଼ି ଅଣାଯାଇଛି । ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଏବଂ କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ହିଁ ଏହି ଗାଡ଼ି ଚଲେଇପାରିବେ । ଏନେଇ କିନ୍ନରମାନଙ୍କୁ ନେଇ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ମଧ ଗଠନ କରାଯାଇଛି । ଚଳିତ ୨୩ ରେ ଜିଲ୍ଲାପାଳ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏନେଇ ୫ଜଣ ମହିଳା ଓ ୫ ଜଣ କିନ୍ନରଙ୍କୁ ଗତ ସପ୍ତାହେ ହେବ ତାଲିମ ପ୍ରଦାନ କରାଯାଉଛି । ତାଲିମ ନେଉଥିବା ସମସ୍ତ ସଦସ୍ୟାଙ୍କ ନିକଟରେ ଦୁଇଚକିଆ ଗାଡ଼ି ଚଲେଇବାର ଅଭିଜ୍ଞତା ରହିଛି । ମାତ୍ର ତିନିଚକିଆ ଗାଡ଼ି ଚଲେଇବା ନିମନ୍ତେ ସେମାନଙ୍କୁ ତାଲିମ ଦିଆଯାଉଥିବା ବାରିପଦା ଉପଜିଲ୍ଲାପାଳ ତଥା ପୌରପାଳିକା ନିର୍ବାହୀ ଅଧିକାରୀ ଅନ୍ୱେଷା ରେଡ୍ଡୀ ସୂଚନା ଦେଇଛନ୍ତି । ଉପରୋକ୍ତ ସଦସ୍ୟାମାନେ ବ୍ୟାଟେରୀଚାଳିତ ତିନି ଚକିଆ ଗାଡ଼ି ସହାୟତାରେ ବାରିପଦା ସହରର ଗଳିକୁ ଗଳି ବୁଲି କଠିନ ବର୍ଜ୍ୟ ସଂଗ୍ରହ କରିବେ । ନଗର ଉନ୍ନୟନ ବିଭାଗର ଗାଇଡ୍‌ଲାଇନ ଅନୁଯାୟୀ ସେମାନଙ୍କୁ ଦରମା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ବାରିପଦା ପୌରପାଳିକାରେ ସ୍ୱଚ୍ଛତା କ୍ଷେତ୍ରରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକୁ ପୂର୍ବରୁ ମଧ ନିୟୋଜିତ କରାଯାଇଛି । ଏବେ ତିନି ଚକିଆ ଗାଡ଼ି ଚଲେଇ ମହିଳା ଓ କିନ୍ନରମାନେ ସଶକ୍ତ ତଥା ରୋଜଗାରକ୍ଷମ ହେବାର ଉଦାହରଣ ସୃଷ୍ଟି କରିବେବୋଲି ଶ୍ରୀମତୀ ରେଡ୍ଡୀ ପ୍ରକାଶ କରିଛନ୍ତି । ଏନେଇ ତିନିଚକିଆ ଗାଡ଼ି ଚଳା ତାଲିମ ନେଉଥିବା ସ୍ଥାନୀୟ ଭଞ୍ଜପୁରର ସବିତା ନାୟକ ବେଶ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି । ପୂର୍ବରୁ ଦୁଇ ଚକିଆ ଗାଡ଼ି ଚଲେଇବାର ଅଭିଜ୍ଞତା ରହିଛି । ପ୍ରଥମ କରି ଏହି ତିନିଚକିଆ ଗାଡ଼ି ଚଲେଇ ବାରିପଦାକୁ ପରିଷ୍କାର ରଖିବାରେ କିଛି ଯୋଗଦାନ କରିପାରିବି । ସେହିପରି ରୋଜଗାରକ୍ଷମ ହୋଇ ଆତ୍ମନିର୍ଭର ହୋଇପାରିବି ବୋଲି ସବିତା ପ୍ରକାଶ କରିଛନ୍ତି । ସେହିପରି ଶିବାନୀ ହାଁସଦା, ମନୋରଂଜନ ସାହୁଙ୍କ ଭଳି କିନ୍ନର ମଧ ଏହି ଗାଡ଼ି ଚଲେଇବା ତାଲିମ ନେଉଛନ୍ତି । ଏପରି ତିନିଚକିଆ ଗାଡ଼ି ଚଲେଇ ମହିଳା ଓ କିନ୍ନରମାନେ ରୋଜଗାରକ୍ଷମ ହୋଇ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ ବୋଲି ମତପ୍ରକାଶ ପାଇଛି ।

## ପଦ୍ମପୁର ଶିବ ମନ୍ଦିର ପରିସରରେ ଦିବ୍ୟ ଭବ୍ୟ ଯଜ୍ଞମଣ୍ଡପ ପ୍ରତିଷ୍ଠା

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ଅବସ୍ଥିତି ପଦ୍ମେଶ୍ୱର ଶୈବପୀଠ ପରିସରରେ ଏକ ଭବ୍ୟ ଦିବ୍ୟ ସୁନ୍ଦର ନୂତନ ଯଜ୍ଞ ମଣ୍ଡପର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ମଣ୍ଡପଟି ପଦ୍ମପୁର ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ସାହୁଙ୍କ ପୂର୍ଣ୍ଣ ଅନୁଦାନରେ ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା । କରୋନା ମହାମାରୀ ବିପତ୍ତି ସମୟରେ ନିର୍ମାଣ କାର୍ଯ୍ୟ ୧ ବର୍ଷ ବନ୍ଦ ରହିଥିଲା । ଏବେ ଯଜ୍ଞ ମଣ୍ଡପଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ପ୍ରତିଷ୍ଠା ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଶୁଭ ମନାସିଛନ୍ତି । ପ୍ରତିଷ୍ଠା ଦିବସ ପୂଜାରେ କୁଳ ପୁରୋହିତ ହୃଦାନନ୍ଦ ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ ଦୁଷ୍ମନ୍ତ ସାହୁଙ୍କର ସୁପୁତ୍ର ଶ୍ରୀମାନ ମାନସ କୁମାର ସାହୁ ସଙ୍କଳ୍ପରେ ବସିଥିଲେ । କୋରନା କଟକଣା ନିୟମକୁ ପାଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଦୁହୁରିଆ ବାଇପାସ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ : ମରାମତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା : ଦୁହୁରିଆ ବାଇପାସ ରାସ୍ତାଟି ଦୀର୍ଘଦିନ ହେବ ଖାଲଖମାରେ ଭର୍ତ୍ତି ହୋଇ ଯାତାୟତରେ ସମସ୍ୟା ସୃଷ୍ଟି କରିଛି । ସାମାନ୍ୟ ବର୍ଷାରେ ସେହି ରାସ୍ତାରେ ଥିବା ଖାଲଖମାରେ ପାଣି ଭର୍ତ୍ତି ହୋଇ କୃତ୍ରିମ ବନ୍ୟା ଭଳି ପରିସ୍ଥିତି ଉପୁଜିଛି । ସେହି ରାସ୍ତାଦେଇ ସ୍ଥାନୀୟ ବାସିନ୍ଦା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ପଡୋଶୀ ଜିଲାର ଲୋକମାନେ ଦୈନିକ ଯାତାୟତ କରୁଥିବା ବେଳେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଦୈନିକ ଛୋଟବଡ ଦୂର୍ଘଟଣାମାନ ଘଟି ଧନଜୀବନ ହାନି ହେଉଥିବା ମଧ ଅଭିଯୋଗ ହୋଇଛି । ସେହି ରାସ୍ତାରେ ସାଇକେଲରେ ବା ଚାଲିକରି ଯିବା ମଧ ଅସମ୍ଭବ



ହୋଇପଡିଛି । ଏସମ୍ପର୍କରେ ଦୁହୁରିଆ ଶ୍ରୀ ଶ୍ରୀ ଶୁଭଲକ୍ଷ୍ମୀ କ୍ରସିଂ ବଜାର କମିଟି ପକ୍ଷରୁ ସଭାପତି ସୌମ୍ୟରଞ୍ଜନ ସାହୁ ଓ ସମ୍ପାଦକ ପ୍ରଦୀପ ନାଥ ଶର୍ମା ଜିଲାପାଳଙ୍କୁ ଭେଟି ଜନସାଧାରଣଙ୍କ ସମୁହ ସ୍ୱାର୍ଥ ଦୃଷ୍ଟିରୁ ସେହି ରାସ୍ତାର ତୁରନ୍ତ ମରାମତି ନିମନ୍ତେ ଦାବି କରିଛନ୍ତି ।

# ବେଦାନ୍ତ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇର ବିକାଶ ପାଇଁ 'ସାଥି' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର :ଭାରତର ବୃହତମ ମେଟାଲ ଏବଂ ଅଏଲ୍-ଗ୍ୟାସ୍ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ପକ୍ଷରୁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ର ବିକାଶ ପାଇଁ 'ବେଦାନ୍ତ ସାଥି' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଭାରତସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ତଥା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଦ୍ୱାରା ଏହାର ଲୋକାର୍ପଣ କରାଯାଇଛି ।ଏହି ଅବସରରେବେଦାନ୍ତ ରିସୋର୍ସ ଲିଃ.ର କାର୍ଯ୍ୟନିର୍ବାହୀ ଅଧକ୍ଷ ଅନୀଲ ଅଗ୍ରୱାଲ ଉପସ୍ଥିତ ଥିଲେ । କମ୍ପାନୀ ପକ୍ଷରୁ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକସମୟ ଧରି ଧରିଏମ୍‌ଏସ୍‌ଏମ୍‌ଇଇ କୋସିଷ୍ଟମ୍‌ର ବିକାଶ ପାଇଁ ଭାଲ୍ୟୁ-ଚେନ୍, ସପ୍ଲାଏଚେନ୍ ଏବଂ ସୋସିଆଲ ଡେଭଲପ୍‌ମେଂଟ୍ ପ୍ରୋଗ୍ରାମ୍ ଆଦି ଉପଲବ୍ଧ କରାଯାଉଛି ।ସାଥି କାର୍ଯ୍ୟକ୍ରମ ଦ୍ୱାରା ଏମ୍‌ଏସ୍‌ଏମ୍‌ଇକୁ ବହୁବିଧ ସୁବିଧା ପ୍ରଦାନ କରିବାର ସୁବିଧା ରହିଛି ।ଅଗ୍ରଣୀବ୍ୟାଙ୍କ, ଏନ୍‌ବିଏଫ୍‌ସିଏବଂ ଫିନ୍‌ଟେକ୍ ଫାର୍ମଗୁଡ଼ିକରୁ ଆବଶ୍ୟକ ଆର୍ଥିକସହାୟତାଏହା ଦ୍ୱାରାଯୋଗାଇ ଦିଆଯିବ ।ବେଦାନ୍ତରୁଉଚ୍ଚ ଗୁଣବତା ଯୁକ୍ତ(ହାଇକ୍ୱାଲିଟିଭାଲ୍ୟୁ ଆଡେଡ୍) ଉତ୍ପାଦ କ୍ରୟ କରିବା ସମୟରେ ସ୍ୱଚ୍ଛତାବଜାୟ ରଖିବା ପାଇଁ ଇ-କମର୍ସ ସମାଧାନ ଶୀଘ୍ର ଯୋଗାଇ ଦିଆଯିବ । ଏହା ସହିତ ମାଇକ୍ରୋଲଜିଷ୍ଟିକ୍ ଅଂଶୀଦାରଙ୍କ ସହାୟତାରେ ଡୋରଷ୍ଟେପ୍ ଡେଲିଭରୀ ଯୋଗାଇ ଦିଆଯିବ । ବୈଷୟିକଦକ୍ଷତା ବୃଦ୍ଧି ପାଇଁ ବେଦାନ୍ତ ପକ୍ଷରୁ ଗବେଷଣାସଂସ୍ଥା, ଶିଳ୍ପସଂଗଠନ, ଇନ୍‌ହାଉସ୍ ଏବଂ ବାହାର ବିଶ୍ୱସ୍ତରୀୟ ବିଶେଷଜ୍ଞଙ୍କ ଦ୍ୱାରା ଯୋଗାଇ ଦିଆଯିବ । ବେଦାନ୍ତ ପ୍ଲାଂଟ୍ ନିକଟରେ ସହଯୋଗୀ/ପ୍ରାଥମିକ ନିର୍ମାଣକାରୀ ୟୁନିଟ୍ ସ୍ଥାପନ କରାଯାଇ ଏମ୍‌ଏସ୍‌ଏମ୍‌ଇଗୁଡିକୁ ଧାର୍ଯ୍ୟ ସମୟ ମଧ୍ୟରେ କଂଚାମାଲ (ହଟ୍‌ମେଟାଲ ସପ୍ଲାଏ)ର ଡେଲିଭରୀ, କମ୍ କାର୍ଯ୍ୟକାରୀ ପୁଁ ଏବଂ କ୍ୟାପେକ୍ସ ସୁବିଧା ପ୍ରଦାନ କରାଯିବ । ବେଦାନ୍ତର କ୍ୱାଲିଟି, ପ୍ରଡକ୍ଟ ଆପ୍ଲିକେଶନ, ଇଞ୍ଜିନିୟରିଂଏବଂ ନବୀକରଣ ଟିମ୍ ଦ୍ୱାରା ୱେବ ପୋର୍ଟାଲ ମାଧ୍ୟମରେ ସିଙ୍ଗଲ୍‌ୱିଣ୍ଡୋ ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ସହିତ ଭାବ ବିନିମୟ କରାଯାଇ ପାରିବ ।ସାଥି କାର୍ଯ୍ୟକ୍ରମର ଲୋକାର୍ପଣ କରି ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ତଥା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଲେ, ମହାମାରୀ ଯୋଗୁ ବିଶ୍ୱର ସପ୍ଲାଏଚେନ୍, ବିଭିନ୍ନ ଦେଶ, ଶିଳ୍ପ ଆଦି ପ୍ରଭାବିତହୋଇଛି । ତେଣୁ ସାର୍ସସପ୍ଲାଏ ଏବଂ ସେବା କୁବିକେନ୍ଦ୍ରିକରଣ କରାଯାଉଛି । ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ପାଇଁ ବିପୁଳ ସୁଯୋଗ ଏବଂ ନୂତନ ବଜାର ସୃଷ୍ଟି ହୋଇ ପାରିବ । ଡିଜିଟାଇଜେସନ ଦ୍ୱାରା ବହୁବିଧ ସୁବିଧା ମଧ ଜାରିରହିଛି । ଏପରିସ୍ଥଳେଏମ୍‌ଏସ୍‌ଏମ୍‌ଇର ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ଡିଜାଇନିଂ, ମାନ୍ୟୁଫାକଚରିଂ, ପ୍ରଡକ୍ଟକ୍ୱାଲିଟିବଜାୟ ରଖିବା ଏବଂ ସେଗୁଡ଼ିକର ବ୍ୟବସାୟକରଣ ଆଦି ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏକ୍ଷେତ୍ରରେ ବେଦାନ୍ତରସାଥି କାର୍ଯ୍ୟକ୍ରମ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ଏହି ଅବସରରେ ବେଦାନ୍ତ ରିସୋର୍ସଲିଃ.ର କାର୍ଯ୍ୟନିର୍ବାହୀ ଅଧକ୍ଷ ଅନୀଲ ଅଗ୍ରୱାଲ କହିଲେ, ଭାରତୀୟଏମ୍‌ଏସ୍ ଏମ୍‌ଇ ଗୁଡ଼ିକର ଦେଶର ଜିଡ଼ିପିରେ ୭ ପ୍ରତିଶତ ଯୋଗଦାନ ରହିଛି । ଅପର ପକ୍ଷରେ ବିଶ୍ୱସ୍ତରୀୟ ହାରାହାରି ମାନକ ୪୦ ପ୍ରତିଶତ ପାଖାପାଖି ରହିଛି । ତେଣୁ ନୂତନ ଜ୍ଞାନକୌଶଳ ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ନିଜର ଦକ୍ଷତା ବିକାଶ ସହିତ କଂଚାମାଲ୍‌ର କ୍ୱାଲିଟିରେବୃଦ୍ଧିକରାଇ ପାରିବେ । ଏହା ଦ୍ୱାରା ରୋଜଗାର ବଢ଼ିବା ସହିତ ଆମର ଯୁବବର୍ଗଙ୍କ ପ୍ରତିଭାର ବିକାଶସମ୍ଭବ ହୋଇ ଦାରିଦ୍ର୍ୟ ଦୂରୀକରଣ ହୋଇ ପାରିବ । ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ମିଳିତ ହୋଇଥିବାରୁ ବେଦାନ୍ତ ବେଶ୍ ଆନନ୍ଦିତ । ସମ୍ପ୍ରତି ୧୫୦ରୁ ଅଧିକଏମ୍‌ଏସ୍‌ଏମ୍‌ଇ କମ୍ପାନୀ ସହିତ ମିଳିତ ହୋଇ ୧୦୦୦ କୋଟି ଟଙ୍କାର ଆର୍ଥିକ ସହାୟତା ବ୍ୟାଙ୍କ ଏବଂ ଏନ୍‌ବିଏଫସି ମାଧ୍ୟମରେ ଉପଲବ୍ଧ କରିପାରିଛନ୍ତି । ବେଦାନ୍ତ ଏହି ସୀମାଃ ଗୁଣାବୃଦ୍ଧିକରିବାଲାଗିଯୋଜନାକରିଛି । ଏହି ଅବସରରେ କୋଠାରିମେଟ୍‌ସଲ୍‌ର ଏମ୍‌ଡି ବିଶାଳ କୋଠାରି କହିଲେ, ବେଦାନ୍ତ ସହିତ ଆମେ ଦୁଇ ଦଶନ୍ଧିରୁ ଉର୍ଦ୍ଧସମୟ ଧରିସଂଶ୍ଳିଷ୍ଟି । ଏହା ଦ୍ୱାରା କମ୍‌ସମୟ ମଧ୍ୟରେ ଆମର ବିକାଶ ସମ୍ଭବ ହୋଇ ପାରିଛି । ଆଜି ଆମେ ଭାରତରେ ବୃହତମଜିଙ୍କ୍ ୱେର ନିର୍ମାତା ଏବଂ ରପ୍ତାନୀ କାରୀ ଭାବେଉଭା ହୋଇ ପାରିଛୁ । ଆମେ ୩୦ରୁ ଅଧିକ ଦେଶରେ ନିଜରଉପସ୍ଥିତି ଜାହିର କରିପାରିଛୁ । ଏହାକୁ ସମସ୍ତ ଏମ୍‌ଏସ୍‌ଏମ୍‌ଇ ଏକ ଉଦାହରଣ ଭାବେଗ୍ରହଣ କରିବା ଆବଶ୍ୟକ । କମ୍ପାନୀର ଇ-କମର୍ସ ଅଫରିଂ ସହଜ ଡେଲିଭରୀଟ୍ରାକିଂ ଏବଂ ମାଇକ୍ରୋଲ ଜିଷ୍ଟିକ୍‌ସୁବିଧା ଉପଲବ୍ଧ ହୋଇ ପାରିବ । ବେଦାନ୍ତ ଶିଳ୍ପସଂସ୍ଥା, ଟେକ୍ନିକାଲ ଅଭିଜ୍ଞ ଏବଂ ଗବେଷଣା ସଂସ୍ଥା ସହାୟତାରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବହୁବିଧ ବିକାଶ ପାଇଁ କାର୍ଯ୍ୟ କରିବ । ଯାହା ଦ୍ୱାରା ଉତ୍ପାଦ ବିଶ୍ୱସ୍ତରୀୟ ହୋଇପାରିବ ।ଏହାଦ୍ୱାରା ପ୍ଲାଂଟ୍ ନିକଟରେସହଯୋଗୀଶିଳ୍ପରବିକାଶ ଦ୍ୱାରାକଂଚାମାଲ, କମ୍ ପରିଚାଳନା ପୁଁଏବଂକ୍ୟାପେକ୍ସ ଅନ୍ତର୍ଭୁକ୍ତିମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭବ ହୋଇପାରିବ । ବେଦାନ୍ତ ଲିମିଟେଡ , ବେଦାନ୍ତ ରିସୋର୍ସ ଲିମିଟେଡର ଅଂଶବିଶେଷ । ଧାତୁ, ତୈଳ ଏବଂ ଗ୍ୟାସ, ଜିଙ୍କ, ଲିଡ, ସିଲଭର, ତମ୍ବା, ଲୁହାପଥର, ଇସ୍ପାତ, ଏବଂ ଆଲୁମିନିୟମ ଏବଂ ପାୱାରରେ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶ୍ୱର ଏକ ଅଗ୍ରଣୀ କମ୍ପାନୀ ଭାବେ ପରିଚୟ ହାସଲ କରିପାରିଛି । ଭାରତ, ଦକ୍ଷିଣ ଆଫ୍ରିକା, ନାମ୍ବିଆ ଏବଂ ଅଷ୍ଟ୍ରେଲିଆରେ ଏହା କାରବାର ଜାରି ରଖିଛି । ଗତ ୨୦ ବର୍ଷ ଧରିବେଦାନ୍ତ ଦେଶ ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି । ସ୍ୱାସ୍ଥ୍ୟ, ସୁରକ୍ଷାଏବଂ ପରିବେଶ ଉପରେ ମଧ କମ୍ପାନୀ ଗୁରୁତ୍ୱାରୋପ କରିଥାଏ । କମ୍ପାନୀ ଡୋଜୋନ୍ସ ଷ୍ଟେନେ ବିଲିଟି ଇଣ୍ଡେକ୍ସରେ ସ୍ଥାନ ପାଇବା ସହିତ ସିଆଇଆଇ-ଆଇଟିସିସଷ୍ଟେନେ ବିଲିଟି ଆୱାର୍ଡ, ଏଫ୍‌ଆଇସିସିଆଇସିଏସ୍‌ଆର୍ ପୁରସ୍କାର, ଧାତୁ ଏବଂ ଖଣନରେ ଡନ ଆଣ୍ଡବ୍ରାଡଷ୍ଟ୍ରିଟ୍ ପୁରସ୍କାର ହାସଲ କରିଛି । ବେଦାନ୍ତ ଲିମିଟେଡ ବମ୍ବେ ଷ୍ଟକ ଏକ୍ସଚେ ଏବଂ ଭାରତୀୟ ନ୍ୟାସନାଲ ଷ୍ଟକ ଏକ୍ସଚେରେ ତାଲିକାଭୁକ୍ତ ହେବା ସହିତ ନ୍ୟୁୟର୍କ ଷ୍ଟକ ଏକ୍ସଚେର ଏଡିଆର୍ ତାଲିକାଭୁକ୍ତ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray